

# ଭୁବନେଶ୍ୱର ସିଟି

### ବିଧବାଙ୍କୁ ଦୁଷ୍କର୍ମ ଅଭିଯୋଗରେ ପୁଲିସ ଏଏସ୍ଆଇ ଗିରଫ ମାମଲା

# ଅଦାଲତରେ ମହିଳାଙ୍କ ବୟାନ ରେକର୍ଡ

## ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ: ଡିସିପି

## ଡମଣାରେ ଅଛି ଏଏସ୍ଆଇଙ୍କ କାଫେ

ଭୁବନେଶ୍ୱର,୨୧।୨(ସମିସ)

ନ୍ୟାୟ ପାଇଁ ଥାନାକୁ ଆସିଥିବା ମହିଳାଙ୍କୁ ପୁଲିସ ଏଏସ୍ଆଇ ଦୁଷ୍କର୍ମ କରିବା ଘଟଣାର ତଦନ୍ତ ଆଉ ପାଦେ ଆଗକୁ ବଢ଼ିଛି। ଗତକାଲି ଦୁଷ୍କର୍ମ ଅଭିଯୁକ୍ତ ତଥା ନୂଆପଲ୍ଲୀ ଥାନାରେ କାର୍ଯ୍ୟରତ ପୁଲିସ ଏଏସ୍ଆଇ ରଞ୍ଜିତ ଦାସଙ୍କୁ ଗିରଫ କରିଥିଲା ମହିଳା ଥାନା ପୁଲିସ। ଆଜି କୋର୍ଟରେ ବିଧବା ମହିଳା ତଥା ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଯୌନ ପିପାସୁ ପୁଲିସ ଏଏସ୍ଆଇର ଯୌନ ନିର୍ଯାତନା ବିଷୟରେ ସବିଶେଷ ବୟାନ ମାଧ୍ୟମରେ ଦେଇଛନ୍ତି। ଏ ନେଇ ଭୁବନେଶ୍ୱର ଡିସିପି ତଥା ଡିଆଇଜି ପିନାକ ମିଶ୍ର କହିଛନ୍ତି ଗିରଫ ସଂକ୍ରାନ୍ତୀୟ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ ସଂପୃକ୍ତ ଏଏସ୍ଆଇଙ୍କୁ ନିଲମ୍ବନ କରାଯିବ। ସେପଟେ ତଦନ୍ତ ବେଳେ ଆଉ ଏକ କଥା ପଦାକୁ ଆସିଛି। ଦୁଷ୍କର୍ମ ଅଭିଯୁକ୍ତ ତଥା ପୁଲିସ ଏଏସ୍ଆଇ ରଞ୍ଜିତର ଡମଣାରେ ଏକ କାଫେ ରହିଛି।

ସୂଚନା ଅନୁସାରେ, କିଛି ମାସ ପୂର୍ବେ ବିଧବା ମହିଳା ଜଣକ ଚୋରି ଅଭିଯୋଗ କରିବାକୁ ନୂଆପଲ୍ଲୀ ଥାନାକୁ ଯାଇଥିଲେ। ଥାନା ଅଧିକାରୀ ମାମଲା ରୁଜୁ କରିବା ସହିତ ତଦନ୍ତ ଦାୟିତ୍ୱ ଏଏସ୍ଆଇ ରଞ୍ଜିତ ଦାସଙ୍କୁ ଦେଇଥିଲେ। ପରବର୍ତ୍ତୀ ସମୟରେ ତଦନ୍ତକାରୀ ଅଧିକାରୀ ରଞ୍ଜିତ ଓ ଅଭିଯୋଗକାରିଣୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ରଞ୍ଜିତ ବିବାହ ପ୍ରତିଶ୍ରୁତି ଦେଇ ଅସହାୟ ବିଧବା ମହିଳାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲେ। ପୀଡ଼ିତା ବିବାହ କରିବାକୁ କହିବାରୁ ରଞ୍ଜିତ ତାଙ୍କ ଠାରୁ ଦୂରେଇ ଯାଇଥିଲେ। ଘଟଣା ବିଷୟରେ କାହାରିକୁ ନ କହିବାକୁ ଧମକ ଚମକ ଦେଲେ। ଥାନାକୁ ଅଭିଯୋଗ କରିବାକୁ ଯାଇଥିବା ବେଳେ ମିଥ୍ୟା ମାମଲାରେ ଫସାଇ ଦେବେ ବୋଲି ଚେତାବନୀ ଦେଇଥିଲେ। ଶେଷରେ ନିରାଶ ହୋଇ ପୀଡ଼ିତା ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ମହିଳା ଥାନା ପୁଲିସ ମାମଲା ରୁଜୁ କରିବା ସହିତ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇଥିଲା। ଗତକାଲି ରଞ୍ଜିତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ବିଧବା ମହିଳା ତଥା ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି ପୁଲିସ। ବିଏନ୍ଏସ୍ଏସ୍ ଧାରା ୧୮୩ ଅନୁସାରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ବୟାନ ରେକର୍ଡ କରାଯାଇଛି। ଘଟଣାର ତଦନ୍ତ କରିବା ସମୟରେ ରଞ୍ଜିତଙ୍କର ଡମଣା ଅଞ୍ଚଳରେ ଏକ କାଫେ ଥିବା ଜଣାପଡ଼ିଥିଲା। ରଞ୍ଜିତ ଉକ୍ତ ମହିଳାଙ୍କୁ ନେଇ ଡମଣାରେ ଥିବା ଉକ୍ତ କାଫେକୁ ଏକାଧିକ ଥର ଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ସେଠାକୁ ଯାଇ ମଧ୍ୟ ତଦନ୍ତ କରିଛି ମହିଳା ଥାନା ପୁଲିସ। ସେଠାକାର କର୍ମଚାରୀଙ୍କୁ ପଚରାଉଚରା କରିବା ସହିତ ସେମାନଙ୍କ ବୟାନ ରେକର୍ଡ କରିଛି।



## ପୁରୁଣା ସ୍କ୍ରିନ୍‌ସଟ୍ ଦେଖାଇ ଠକିନେଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨୧।୨(ସମିସ): ରାଜଧାନୀରେ ମାତିଛନ୍ତି ଧୂର୍ତ୍ତଚୋର। ବ୍ରହ୍ମପୁରରୁ ଏହି ଭଦ୍ରଚୋର ରାଜଧାନୀକୁ ଆସି ଏକାଧିକ ଦୋକାନରୁ କଳାକନା ବୁଲାଉଛନ୍ତି। ସେମାନେ ହାଇଫାଇ ବେଶଭୁଷାରେ ଆସୁଛନ୍ତି। ଦୋକାନରୁ କିଛି ନା କିଛି ସାମଗ୍ରୀ ନେଇ ଯାଉଛନ୍ତି। କାଉଣ୍ଟକୁ ଯାଇ ସ୍କାନ୍ କରିବା ପରେ ପୁରୁଣା ସ୍କ୍ରିନ୍‌ସଟ୍ ଦେଖାଇ ଚମ୍ପଟ ମାରୁଛନ୍ତି। ଏହିଭଳି ରାଜମହଲ ନିକଟରେ ଥିବା ଏକ ଜୋତା ସୋ'ରୁମ୍‌ରୁ ଏହି ଗ୍ୟାଙ୍ଗ୍ ଠକିଛନ୍ତି। ତାଙ୍କ ଦୋକାନରୁ ୧୦ ହଜାର ଟଙ୍କାର ଜୋତା କିଣି ଚମ୍ପଟ ମାରିଛନ୍ତି। ଏ ନେଇ ଜୋତା ସୋ'ରୁମ୍‌ର ମାଲିକ କ୍ୟାପିଟାଲ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରୁଛି।

**ଜନପଥରେ ୧୦ ଦୋକାନୀଙ୍କୁ ଚୂନ**

ମିଳିଥିବା ସୂଚନା ଅନୁସାରେ, ସନ୍ଧ୍ୟା ସମୟରେ ଜୋତା ସୋ'ରୁମ୍ ଭିତରକୁ ୩ଜଣ ବ୍ୟକ୍ତି ପଶିଥିଲେ। ସମସ୍ତେ ଜୋତା ବାଛିବା ସହ ପସନ୍ଦ କରି ପ୍ୟାକ୍ କରି କାଉଣ୍ଟର ନିକଟକୁ ପେମେଣ୍ଟ କରିବାକୁ ଆସିଥିଲେ। ଏପରିକି ଜଣେ ଜଣେ କରି କାଉଣ୍ଟରରେ ଥିବା ସ୍କାନରରେ ସ୍କାନ୍ କରିଥିଲେ। କିନ୍ତୁ ୩ଜଣ ଅଭିଯୁକ୍ତ କ୍ୟୁଆରକୋର୍ଡ ହେଉନଥିବା କହିଥିଲେ। ଦୁଇ ଜଣ ଜାଣିଶୁଣି ଜୋତା ଫେରାଇ ଦେଇଥିବା ବେଳେ ଅନ୍ୟ ଜଣେ ଜୋତା ନେବା ପାଇଁ ଫୋନ୍ ନମ୍ବରରେ ଟଙ୍କା ପଠାଇବା ପାଇଁ କହିଥିଲେ। ଦୋକାନୀ କର୍ମଚାରୀ ମାଲିକଙ୍କ ଫୋନ୍ ପେ' ନମ୍ବର ଦେବା ପରେ ସେଥିରେ ଟଙ୍କା ପଠାଇବା ପାଇଁ କହିଥିଲେ। ଅଭିଯୁକ୍ତ ଚତୁରତାର ସହ ପୁରୁଣା ସ୍କ୍ରିନ୍ ସଟ୍ ଦେଖାଇ ହୋଇଗଲା ବୋଲି କହି ସେଠାରୁ ତୁରନ୍ତ ଚମ୍ପଟ ମାରିଥିଲେ। ପରେ ଦୋକାନୀ କର୍ମଚାରୀ ମାଲିକଙ୍କୁ ଫୋନ୍ କରି ପଚାରିବାରୁ ଟଙ୍କା ଆସିନଥିବା କହିଥିଲେ। ଏହାପରେ ଯାଞ୍ଚ ପରେ ଜଣାପଡ଼ିଥିଲା ସେମାନେ ଏକ ଠକ ଗ୍ୟାଙ୍ଗ୍। ତେଣୁ ଏ ନେଇ ପୁଲିସକୁ ଜଣାଇବା ପରେ ପୁଲିସ ତଦନ୍ତ କରୁଛି। ଗୋଟିଏ ଦିନରେ ଏହି ଗ୍ୟାଙ୍ଗ୍ ୧୦ଟି ଦୋକାନରୁ ଏଭଳି ଅଭିନବ ଉପାୟରେ ଲୁଟିଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଗ୍ୟାଙ୍ଗ୍ ଧରିବାକୁ ପୁଲିସ ତନାଘନା କରୁଛି।

### ଚୋରିରେ ସଫଳ, ସଞ୍ଚୟରେ ବିଫଳ

## ୪ ଦିନିଆ ରିମାଣ୍ଡ ପରେ ଜେଲଗଲା ସ୍ପାଇଡର୍

ଭୁବନେଶ୍ୱର,୨୧।୨(ସମିସ)

- ଖୁବ୍‌ଶୀଘ୍ର ଚାର୍ଜସିଟ୍ ଦାଖଲ କରାଯିବ
- ଆକାଉଣ୍ଟରେ ନାହିଁ ଟଙ୍କା

କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଘରୁ ଚୋରି ମାମଲାରେ ଗିରଫ ହୋଇଥିବା ସ୍ପାଇଡର ଶକ୍ତିର ୪ଦିନିଆ ରିମାଣ୍ଡ ଶେଷ ହୋଇଛି। ପୁଲିସ ତା'ର ମେଡିକାଲ ଟେଷ୍ଟ କରିବା ପରେ କୋର୍ଟରେ ହାଜର କରିଥିଲା। ପରେ ତାକୁ ଝାରପଡ଼ା ଜେଲକୁ ପଠାଇ ଦେଇଛି। ଶକ୍ତିକୁ ପଚରାଉଚରା ବେଳେ ପୁଲିସ ବହୁ ତଥ୍ୟ ହାସଲ କରିଛି। ସ୍ପାଇଡର ଶକ୍ତି ହାଇପ୍ରୋଫାଇଲ୍ ଲୋକଙ୍କ ଘରୁ ଚୋରି କରିଛି। ଏହି ଚୋରିରେ ସେ ସଫଳ ହୋଇଛି। କିନ୍ତୁ ଚୋରି ଟଙ୍କାକୁ ସଞ୍ଚୟ କରିବାରେ ବିଫଳ ହୋଇଛି। କାରଣ ଯେତିକି ଚୋରି କରିଛି ସବୁଥିରେ ସେ ଧରାପଡ଼ିଛି। ଚୋରି ପରେ ସେ ପ୍ରମାଣ ଛାଡ଼ି ନଥିଲେ ମଧ୍ୟ ସବୁଥର ସେ ଧରାପଡ଼ିଯାଇଛି। ସେ ହାଇପ୍ରୋଫାଇଲ୍ ଲୋକଙ୍କ ଘରୁ ଚୋରି କରି ନିଜ ଲାଇଫ୍ ସେଟେଲ ହେବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହେଉନଥିଲା। ଶେଷରେ ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଚୋରି କରି ପୁଣି ଧରାପଡ଼ିଥିଲା। ଏଥିସହ ପୁଲିସ ତ ଆକାଉଣ୍ଟ ଯାଞ୍ଚ କରିଥିଲେ ମଧ୍ୟ ସେଥିରେ ଟଙ୍କା ନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛି। ସେ ଚୋରି କରିବା ପରେ ଯାହା ଟଙ୍କା ପାଖରେ ରହୁଥିଲା ସେ ମଉଜମସ୍ତିରେ ଖର୍ଚ୍ଚ କରି ଦେଉଥିଲା। ଏହି ମାମଲାରେ ଖୁବ୍‌ଶୀଘ୍ର ଚାର୍ଜସିଟ୍ ସହ ମାମଲା ଶୁଣାଣି ପାଇଁ ପୁଲିସ ଅଣ୍ଟା ଭିଡ଼ିଥିବା ପୁଲିସ କହିଛି। ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଘରୁ ଲୁଟ ସହ ୨୦୨୩ ମସିହାରେ ଜଣେ ଠିକାଦାର ସଂସ୍ଥାର ମାଲିକଙ୍କ ଘରୁ ଲୁଟିଥିଲା ସତୀଶ। ପୁଲିସ ତାକୁ ଗିରଫ ପରେ ତା ଠାରୁ ହୀରା, ସୁନା ଗହଣା, ନଗଦ ଟଙ୍କା ଜବତ କରିଥିଲା। ଲୁଟ ଟଙ୍କାରେ ମଉଜ କରୁଥିଲା ଲୁଟେରା। ଲକ୍ଷ ଲକ୍ଷ ଟଙ୍କା ଦେଇ ଡାଇୱାନରୁ କୁକୁର କିଣୁଥିଲା। କୁକୁର ଖେଳିବା ପାଇଁ ଇଣ୍ଡୋନେସିଆରୁ ବଲ ମଗାଉଥିଲା। କୁକୁରର ସ୍ପା ଓ ଷ୍ଟିମ ବାଥ ପାଇଁ ଖର୍ଚ୍ଚ କରୁଥିଲା ପୁଳା ପୁଳା ଟଙ୍କା। କେବଳ ସେତିକି ନୁହେଁ, ନିଜେ ମଧ୍ୟ ଫିଜିକାଲ ଫିଟ ରହିବା ପାଇଁ ପର୍ସନାଲ ଟ୍ରେନର୍ ନିଯୁକ୍ତ କରିଥିଲା। ଡାଏଟ ପ୍ଲାନ ସହ ଟ୍ରେନରଙ୍କୁ ଦେଉଥିଲା ଦିନକୁ ୪ ହଜାର ଟଙ୍କା। ଲୁଟ ଟଙ୍କାରେ ବାଙ୍ଗାଲୋର, ବିଜୟନଗରମ୍, ହାଇଦ୍ରାବାଦରେ କିଣିଥିଲା ୪ ଟି ଫ୍ଲାଟ। ଲୁଟ ଟଙ୍କାରେ ୩ ଜଣ ଗାର୍ଲଫ୍ରେଣ୍ଡଙ୍କ ସହ ରୋମାନ୍ସ କରୁଥିଲା ଏହି ସୌଖିନ ଚୋର। ଗାର୍ଲଫ୍ରେଣ୍ଡ ମାନଙ୍କୁ ଡାଇମଣ୍ଡ ଗିଫ୍ଟ କରୁଥିଲା। କେରଳ ଓ ଦାର୍ଜିଲିଂ ବୁଲାଉଥିଲା।

## ପାର୍କିଂ ପାଇଁ ଜାଗା ନାହିଁ, ଗଢ଼ିଉଠୁଛି ବ୍ୟବସାୟିକ ପ୍ରତିଷ୍ଠାନ

ଭୁବନେଶ୍ୱର,୨୧।୨(ସମିସ)

ପାର୍କିଂ ପାଇଁ ଜାଗା ଖଣ୍ଡେ ନାହିଁ। ଏହା ସତ୍ତ୍ୱେ ରାଜଧାନୀରେ ଗଢ଼ିଉଠୁଛି ବ୍ୟବସାୟିକ ପ୍ରତିଷ୍ଠାନ। ବିଲ୍ଡିଂ ନିର୍ମାଣ ଶେଷ ହେବା ପରେ ରାସ୍ତାକୁ ପାର୍କିଂ ପଏଣ୍ଟ ଭାବେ ବ୍ୟବହାର କରାଯାଉଛି। ଦିନ ରାତି ରାସ୍ତାରେ ଗାଡ଼ି ପାର୍କିଂ କରାଯାଉଛି। ଏଥିପାଇଁ ସହରରେ ଜଟିଳ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାରେ ଲୋକଙ୍କୁ ଯିବା ଆସିବା କରିବା କଷ୍ଟ ହୋଇପଡୁଛି। ଦୁର୍ଘଟଣା ବି ଘଟୁଛି। ଏଭଳି ବିଲ୍ଡିଂ ନିର୍ମାଣ ଉପରେ ସହରାଞ୍ଚଳ ପ୍ରଶାସନ ବିଡିଏ ଓ ବିଏମ୍‌ସି କଟକଣା ଲାଗଇଛନ୍ତି। ହେଲେ ଜାଗା ମାଲିକ କିନ୍ତୁ କଟକଣା ମାନୁ ନାହାନ୍ତି। ଜମି ମାଲିକ ଅଧିକାରୀଙ୍କ ସହ ସଲାସୁତରା କରି ରାଜଧାନୀରେ ସବୁପ୍ରକାର ନିର୍ମାଣ ସମ୍ଭବ କରିଦେଉଛନ୍ତି।

**ପୌର ଅଧିକାରୀଙ୍କ ସଲାସୁତରାରେ ନିୟମ ଉଲ୍ଲଘଂନ**

ନିର୍ମାଣ ପୂର୍ବରୁ ପୌର ପ୍ରଶାସନର ଅନୁମତି ନିହାତି ଆବଶ୍ୟକ। ଏଥିପାଇଁ ପ୍ଲାନ୍ ଆପ୍ରୁଭାଲ ନେବାକୁ ପଡେ। ବିଡିଏ କିମ୍ବା ବିଏମ୍‌ସି ଦ୍ୱାରା ଅନୁବନ୍ଧିତ ଜଣେ ଆର୍କିଟେକ୍ ସାଧାରଣତଃ ପ୍ଲାନ୍ ଦେଇଥାନ୍ତି। ଏହାକୁ ପ୍ରଶାସନ ଆପ୍ରୁଭାଲ ପ୍ରଦାନ କରନ୍ତି। ଆଇନ୍ ଅନୁଯାୟୀ ପ୍ଲାନ୍‌ରେ ପାର୍କିଂ ବ୍ୟବସ୍ଥା କରିବା କୌଣସି ନିର୍ମାଣ ପାଇଁ ଆବଶ୍ୟକ। ଏହି ଅନୁଯାୟୀ କାମ ଆଗକୁ ବଢ଼ିବା କଥା। ଜାଗା ମାଲିକ କୌଣସି ଏକ ନିର୍ମାଣ ପାଇଁ ପ୍ଲାନ୍ ଆପ୍ରୁଭାଲ ତ ନେଉଛନ୍ତି ହେଲେ ନିର୍ମାଣ ବେଳେ ପାର୍କିଂ ପାଇଁ ଛଡ଼ାଯାଇଥିବା ସ୍ଥାନରେ ଘର କରି ଦେଉଛନ୍ତି। କାଳେ ଧରାପଡ଼ିଯିବେ ସେଥିପାଇଁ ଅକ୍ୟୁପାନ୍ସି ପ୍ରମାଣପତ୍ର ନେଉ ନାହାନ୍ତି। ବିନା ଅକ୍ୟୁପାନ୍ସିରେ ବ୍ୟବସାୟିକ ପ୍ରତିଷ୍ଠାନ ଚଳାଉଛନ୍ତି। ଅଧିକାରୀଙ୍କ ସହ ସଲାସୁତରା ଯୋଗୁଁ ଏମାନଙ୍କ ଅକ୍ୟୁପାନ୍ସି ପ୍ରମାଣପତ୍ର ମଧ୍ୟ ଯାଞ୍ଚ ହେଉନାହିଁ।

ଭୁବନେଶ୍ୱରରେ ଏକାଧିକ ବ୍ୟବସାୟିକ ଅନୁଷ୍ଠାନ ଏଭଳି ଚାଲିଛି। ବ୍ୟବସାୟିକ ପ୍ରତିଷ୍ଠାନ ରାସ୍ତାକୁ ପାର୍କିଂ ପାଇଁ ବ୍ୟବହାର କରୁଥିବା ସବୁଲୋକଙ୍କୁ ଦେଖାଯାଉଛି। ହେଲେ କେବଳ ପୌର ପ୍ରଶାସନିକ ଅଧିକାରୀଙ୍କୁ ଏଭଳି କିଛି ଦେଖାଯାଉ ନାହିଁ। କର୍ମଚାରୀ ଅଭାବକୁ ବାହାନା ବନାଇ ସବୁ ସମୟରେ ଖସିଯାଉଥିବା ଏହି ଅଧିକାରୀମାନେ କେବେ କାର୍ଯ୍ୟକାନୁଷ୍ଠାନ ନେବେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

### ● ଏସି ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ

## ଜଳିଗଲା ୟୁନିସେକ୍ସ ସେଲୁନ୍

ଭୁବନେଶ୍ୱର,୨୧।୨(ସମିସ): ଶୁକ୍ରବାର ଭୋରରୁ ରାଜଧାନୀରେ ଅଗ୍ନିକାଣ୍ଡ ଘଟିଛି। ସର୍ଟ ସର୍କିଟରୁ ନିଆଁ ଲାଗି ୟୁନିସେକ୍ସ ସେଲୁନ୍ ଜଳିଯାଇଛି। ସୌଭାଗ୍ୟ ନଗର ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ପ୍ରାୟ ୩ ଘଣ୍ଟାର ଅପରେସନ୍ ପରେ ନିଆଁକୁ ଆୟତ୍ତ କରିଛି ଅଗ୍ନିଶମ ବାହିନୀ। ମିଳିଥିବା ସୂଚନା ଅନୁସାରେ, ସୌଭାଗ୍ୟ ନଗର ଅଞ୍ଚଳରେ ଗ୍ରିନ୍ ଟ୍ରେଣ୍ଡସ ୟୁନିସେକ୍ସ ସେଲୁନ୍ ରହିଛି। ସବୁଦିନ ଭଳି ଗତକାଲି ରାତିରେ ମଧ୍ୟ ମାଲିକ ସେଲୁନ୍ ବନ୍ଦ କରି ଘରକୁ ଫେରିଥିଲେ। ହେଲେ ଏସି (ଶୀତତାପ ନିୟନ୍ତ୍ରିତ ଯନ୍ତ୍ର) ବନ୍ଦ କରିନଥିଲେ। ରାତି ତମାମ ଏସି ଲାଗିଥିବାରୁ ସର୍ଟ ସର୍କିଟ ହୋଇଥିଲା। ଭୋର ସମୟରେ ସର୍ଟ ସର୍କିଟରୁ ନିଆଁ କୁହୁଳିଥିଲା। ତାହୁଁ ତାହୁଁ ନିଆଁ ବ୍ୟାପୀ ଯାଇଥିଲା। ଚେୟାର, କମ୍ପ୍ୟୁଟର, ସିଙ୍କ ଓ ଅନ୍ୟାନ୍ୟ ଦହନଶୀଳ ସାମଗ୍ରୀରେ ନିଆଁ ଲାଗି କ୍ଷଣିକ ମଧ୍ୟରେ ଜଳି ଯାଇଥିଲା। ସକାଳୁ ଲୋକେ ଧୂଆଁ ଦେଖି ଜାଣିଥିଲେ। ଖବରପାଇ ତମାଣ୍ଡୋ ଅଗ୍ନିଶମ କେନ୍ଦ୍ରର ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ପରେ ଭୁବନେଶ୍ୱର ଅନ୍ୟ ଅଗ୍ନିଶମ ବାହିନୀ ଓ ଷ୍ଟ୍ରାଇକିଂ ଫୋର୍ସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଝରକା କାଚ ଭାଙ୍ଗି ଭିତରେ ପଶିବା ସହିତ ନିଆଁ ଲିଭା କାର୍ଯ୍ୟରେ ଲାଗିପଡ଼ିଥିଲେ। ୩ଟି ଦମକଳ ବାହିନୀର ୨୦ ଜଣ କର୍ମଚାରୀ ପ୍ରାୟ ୩ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଥିଲା। ହେଲେ ସେତେବେଳକୁ ସବୁକିଛି ଜଳି ପୋଡ଼ି ନଷ୍ଟ ହୋଇ ଯାଇଥିଲା।





## ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର,୨୧।୨(ସମିସ): ବାଲିଅନ୍ତା ବଜାର ଅଞ୍ଚଳରୁ ଗଞ୍ଜେଇ ବେପାରୀକୁ ଗିରଫ କରିଛି ଭୁବନେଶ୍ୱର ଅବକାରୀ ସ୍କ୍ୱାଡ୍। ଗିରଫ ଅଭିଯୁକ୍ତ ହେଉଛି ହଂସପାଳର ନୃସିଂହ ଚରଣ ଓଝା (୬୫)। ତା' ଠାରୁ ୫ କିଲୋ ଓଜନର ଗଞ୍ଜେଇ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ବାଲିଅନ୍ତା ବଜାର ଅଞ୍ଚଳରେ ଗଞ୍ଜେଇ କାରବାର ଚାଲିଥିବା ନେଇ ଭୁବନେଶ୍ୱର ଅବକାରୀ ସ୍କ୍ୱାଡ୍ ଖବର ପାଇଥିଲା। ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ବାଲିଅନ୍ତା ବଜାରରେ ଚଢ଼ଉ କରିଥିଲା। ସେଠାରୁ ନୃସିଂହକୁ ଗିରଫ କରିବା ସହିତ ତା' ଠାରୁ ୫ କିଲୋ ଓଜନର ଗଞ୍ଜେଇ ଜବତ କରିଥିଲା। ଏ ନେଇ ଅବକାରୀ ସ୍କ୍ୱାଡ୍ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବିଧାନସଭା ସମ୍ମୁଖରେ ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘର ବିକ୍ଷୋଭ




ଭୁବନେଶ୍ୱର,୨୧।୨(ସମିସ): ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଶ୍ରମ ଆଇନ ଖିଲାପ କରୁଥିବା ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଧାନସଭା ସମ୍ମୁଖରେ ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ତରଫରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଘର ଏକ ପ୍ରତିନିଧିମଣ୍ଡଳୀ ଶ୍ରମମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବାବେଳେ ମୁଖ୍ୟମନ୍ତ୍ରୀ ଓ ଶ୍ରମ କମିସନରଙ୍କୁ ମଧ୍ୟ ଦାବିପତ୍ର ଦେଇଛନ୍ତି।

ଜଗତପୁର ଶିଳ୍ପାଞ୍ଚଳସ୍ଥିତ କସ୍‌ବୋର୍ଡ ଇଣ୍ଡଷ୍ଟ୍ରିରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ବକେୟା ଦରମା, ଗ୍ରାଚ୍ୟୁଟି, ବୋନସ୍ ସମେତ ଅନ୍ୟାନ୍ୟ ଶ୍ରମ ଆଇନ ମୁତାବକ ସୁବିଧା ସୁଯୋଗ ପ୍ରଦାନ କରାଯାଇ ନଥିବାରୁ ଏ ସମ୍ବନ୍ଧରେ କର୍ମଚାରୀମାନେ ଧାରଣା ଦେଇଛନ୍ତି। କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସମ୍ପାଦକ ସତ୍ୟବ୍ରତ ପରିଡ଼ା, ଜିଲ୍ଲା ସମ୍ପାଦକ ପ୍ରଭୁଦତ୍ତ ମିଶ୍ର, କୋଷାଧ୍ୟକ୍ଷ ସବିତା ସାହୁ, ଚନ୍ଦ୍ରଶେଖର ସାହୁ, ଜଗତପୁର ଶିଳ୍ପାଞ୍ଚଳ ଶ୍ରମିକ ସଂଘ ସଭାପତି ବସନ୍ତ କୁମାର ସାହୁ ପ୍ରମୁଖ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ।

## ବଢୁଛି ବେଆଇନ୍ ଟ୍ରକ୍ ପାର୍କିଂ, ଯାଞ୍ଚ ଅଧିକାରୀ ନିରବ

ଭୁବନେଶ୍ୱର,୨୧।୨(ସମିସ): ହଂସପାଳ ଛକ ପାଲଟିଛି ବେଆଇନ୍ ଟ୍ରକ୍ ପାର୍କିଂର ଆଡ୍ଡାସ୍ଥଳୀ। ଦିନକୁ ଦିନ ଏଭଳି ପାର୍କିଂ ବଢ଼ିଚାଲିଛି। ଏଠାରେ ସବୁ ସମୟରେ ବେଆଇନ୍ ଭାବେ ଟ୍ରକ୍ ପାର୍କିଂ ହେଉଛି। ରାଜପଥ କଡ଼ରେ ହେଉଥିବା ବେଆଇନ ପାର୍କିଂ ଏବେ ମୁଣ୍ଡ ବିନ୍ଧାର କାରଣ ପାଲଟୁଛି। ଗାଡ଼ି କେଉଁଠାରେ ଅଟକିବ ଓ ପାର୍କିଂ ହେବ, ସେନେଇ ନିର୍ଦ୍ଦିଷ୍ଟ ନିୟମ ରହିଥିଲେ ମଧ୍ୟ ଗାଡ଼ି ଚାଳକମାନେ ଏହାକୁ ନମାନି ମନଇଚ୍ଛା ଗାଡ଼ି ପାର୍କିଂ କରୁଛନ୍ତି। ଫଳରେ ବେଆଇନ ପାର୍କିଂ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟିବା ସହିତ ଧନଜୀବନ ହାନି ହେଉଛି।

ହଂସପାଳ ଛକ ଏକ ଦୁର୍ଘଟଣା ପ୍ରବଣ ସ୍ଥାନ। ନିୟମିତ ଏଠାରେ ଦୁର୍ଘଟଣା ଘଟୁଛି। ଏଣୁ ପାହାଳ ଥାନାକୁ ଅନେକ ସମୟରେ ଏହାର କର୍ମଚାରୀମାନେ ଦୁର୍ଘଟଣା ଥାନା ବୋଲି କହିଦିଅନ୍ତି। ଏହାପରେ ରାସ୍ତା କଡ଼ ବେଆଇନ୍ ଟ୍ରକ୍ ପାର୍କିଂ ଦୁର୍ଘଟଣା ସମ୍ଭାବନାକୁ ଦୁଇଗୁଣିତ କରିଦେଉଛି। ପୁଲିସ, ଟ୍ରାଫିକ୍ ଏବଂ ପରିବହନ ବିଭାଗ ଏଠାରେ ବେଶ୍ ସକ୍ରିୟ। ଏହାସତ୍ତ୍ୱେ ଏଠାରେ ରାସ୍ତା କଡ଼ ଟ୍ରକ୍ ପାର୍କିଂକୁ ରୋକି ନପାରିବା ହାସ୍ୟାସ୍ପଦ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ରାସ୍ତା କଡ ପାର୍କିଂକୁ ସ୍ଥାନୟ ଲୋକେ ବିରୋଧ କରୁଥିଲେ ମଧ୍ୟ ଟ୍ରକ୍ ମାଲିକଙ୍କ ସହ ସଲାସୁତରା ଯୋଗୁଁ ଲୋକଙ୍କ ଅଭିଯୋଗ ଅଭିଯୋଗରେ ରହିଯାଉଛି। ସରକାରୀ ତଥ୍ୟ ଅନୁଯାୟୀ ବେଆଇନ ପାର୍କିଂ ଯୋଗୁଁ ୨୦୨୩ ମସିହାରେ ୬୩୯ଟି ଦୁର୍ଘଟଣା ଘଟିଥିବା ବେଳେ ୨୭୪ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଚଳିତବର୍ଷ ଅଗଷ୍ଟ ମାସ ସୁଦ୍ଧା ୧୨୦ଟି ଦୁର୍ଘଟଣାରେ ୭୧ ଜଣ ମୃତ୍ୟୁବରଣ କରିଛନ୍ତି। ମାତ୍ର ୨୦ ମାସ ମଧ୍ୟରେ ବେଆଇନ ପାର୍କିଂ ଲାଗି ୭୫୯ଟି ଦୁର୍ଘଟଣା ଘଟିଥିବା ବେଳେ ୩୪୫ ମୂଲ୍ୟବାନ ଜୀବନ ଯାଇଛି।



# ଡିଜିଟାଲ ଯୁଗରେ ଅନ୍‌ଲାଇନ୍ ଚାଲାଣ ଫେଲ୍

ଭୁବନେଶ୍ୱର,୨୧।୨(ସମିସ)



- ବାଟମାରଣା ପାଇଁ ନଗଦ ଅର୍ଥ କାରବାର
- ନାମକୁ ମାତ୍ର ନିଆଯାଉଛି କାର୍ଯ୍ୟାନୁଷ୍ଠାନ
- ସୁଧୁରୁନି ରାଜଧାନୀର ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା

ଡିଜିଟାଲ ଯୁଗରେ ପୁଲିସ ପଛରେ ପଡ଼ିଛି। ଟଙ୍କା ବାଟମାରଣା ନହେବା ପାଇଁ ସରକାର ଅନ୍‌ଲାଇନ୍ ଇ-ଚାଲାଣ ବ୍ୟବସ୍ଥା କରିଛନ୍ତି। କିନ୍ତୁ କମିସନରେଟ୍ ପୁଲିସ ଟ୍ରାଫିକ୍‌ର ଅନ୍‌ଲାଇନ୍ ଚାଲାଣ ବ୍ୟବସ୍ଥା ଫେଲ୍‌ମାରିଛି। ଲୋକଙ୍କୁ ଅଫ୍ ଲାଇନ୍‌ରେ ନଗଦ ଅର୍ଥ ଦେଇ ଚାଲାଣ କାଟିବାକୁ କହୁଛନ୍ତି। ଯାହାଫଳରେ ଲୋକେ ଘଣ୍ଟାଘଣ୍ଟା ଧରି ଲାଇନ୍‌ରେ ରହି ନଗଦ ଅର୍ଥ ଦେଉଛନ୍ତି। ଏହି ଅର୍ଥ ସରକାର ଖାଜାନାକୁ ଯାଉଛି ନା ବାଟମାରଣା ହେଉଛି ତାହା ଜାଣି ହେଉନାହିଁ। ଏଭଳି ବ୍ୟବସ୍ଥା ଏବେ ପୁଲିସର କାର୍ଯ୍ୟଧାରା ଉପରେ ପ୍ରଶ୍ନ ଉଠାଇଛନ୍ତି ସହରବାସୀ। ଅମାନିଆ ଗାଡ଼ିଚାଳକଙ୍କଠାରୁ ଜରିମାନା ଆଦାୟ ପାଇଁ ପରିବହନ ବିଭାଗ ପୋସ୍ ମେସିନ ଆଣି ନିଜ ବିଭାଗ କର୍ମଚାରୀଙ୍କ ସମେତ ପୁଲିସକୁ ଦେଇଛି। ତେବେ ପୁଲିସ୍ କର୍ତ୍ତୃପକ୍ଷ ଏହା ଜରିଆରେ ଜରିମାନା ଅର୍ଥ ଆଦାୟ ବଦଳରେ ଲୋକଙ୍କ ଠାରୁ ନଗଦ ଅର୍ଥ ଦାବି କରିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ କିଛିଦିନ ତଳେ ରାଜଧାନୀର ଏକ ନମ୍ବର ଟ୍ରାଫିକ ଥାନାରେ ଜଣେ ଗାଡ଼ିଚାଳକଙ୍କ ଠାରୁ ନଗଦ ଅର୍ଥ ଆଦାୟ ପାଇଁ ତାଙ୍କର ଗାଡ଼ି ସହିତ ଭୋକରେ ଆଉଟୁ ପାଉଟୁ ହେଉଥିବା ସ୍କୁଲ ପେରନ୍ତା ଛୋଟ ପିଲାଟିକୁ ଗାଡ଼ି ଭିତରେ ବନ୍ଦକରି ରଖିଲେ। ଏପରିକି ଅନ୍‌ଲାଇନ୍ ଚାଲାଣ କାଟିବା ବଦଳରେ ଅଫ୍‌ଲାଇନ୍‌ରେ ଚାଲାଣ କାଟିବାକୁ ବାଧ୍ୟ କଲେ। ହେଲେ ଏହି ଘଟଣାରେ କାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। କେବଳ ସିପି ଏବଂ ଟ୍ରାଫିକ୍ ଡିସିପି ତାଗିଦ କରି ଛାଡ଼ିଦେଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଟ୍ରାଫିକ୍ ପୁଲିସଙ୍କ ବ୍ୟବହାରରେ ପରିବର୍ତ୍ତନ ହେଉନାହିଁ। ଏଠାରେ କେହି କାହାକୁ ମାନୁନାହାନ୍ତି। ଗୋଟିଏ ସ୍ଥାନରେ ଡ୍ୟୁଟି ଦିଆଗଲେ ସେମାନେ ମନ ଇଚ୍ଛା ଫୋନ୍‌ରେ ଗପିବା ସହ ଏଣେ ତେଣେ ଖଟି କରୁଛନ୍ତି। ଯେଉଁମାନେ ସନ୍ଧ୍ୟାରେ ଡ୍ୟୁଟି କରୁଛନ୍ତି ସେମାନେ ମୁହଁ ଅନ୍ଧାର ହେଲେ ଛକ ନିକଟରେ ଆସର ଜମୁଛି। ସେମାନେ କୁଆଡ଼େ ଯାଉନାହାନ୍ତି, ଫୋନ୍ କରି ସ୍ଥାନୀୟ ଯୁବକଙ୍କୁ ଛକ ନିକଟକୁ ଡାକି ଦେଉଛନ୍ତି। ସେଠାକୁ ଆସିବା ପରେ ଏକ ଅନ୍ଧାରୁଆ ସ୍ଥାନକୁ ଯାଇ ଖଟି ଓ ପାନୀୟ ବ୍ୟବସ୍ଥା ହେଉଛି। ଯାହାଫଳରେ କୌଣସି ଅଧିକାରୀ ଏ ନେଇ କିଛି ବି ଅବଗତ ହେଉନାହାନ୍ତି। କହିବାକୁ ଟ୍ରାଫିକ୍ କର୍ମଚାରୀଙ୍କ ଏଭଳି ମୁରବୀ ବିହୀନ ନିତି ପାଇଁ ସେମାନେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ସେମାନେ ବାଟକୁ ଆସିବେ ବୋଲି ଚର୍ଚ୍ଚା ହେଉଛି।

ତେବେ ମିଳିଥିବା ସୂଚନା ଅନୁଯାୟୀ ମୋଟରଯାନ ଆଇନ୍ ଏବଂ ସହରାଞ୍ଚଳ ପୁଲିସ୍ ଆଇନ୍ ଅନୁଯାୟୀ ଅମାନିଆ ଗାଡ଼ିଚାଳକଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଥାଏ। ତେବେ ଏହି ଜରିମାନା କାହାରିଠାରୁ ଜବରଦସ୍ତ ଆଦାୟ ପାଇଁ ନିୟମ ନାହିଁ। ଯଦି କୌଣସି ଚାଳକ ଜରିମାନା ଦେବାକୁ ରାଜି ନହୁଅନ୍ତି ତେବେ ଅଦାଲତରେ ଏହାକୁ ଚ୍ୟାଲେଞ୍ଜ କରିବାକୁ ସୁଯୋଗ ଦିଆଯିବା କଥା। ହେଲେ ଅଧିକାଂଶ ସ୍ଥାନରେ ଦେଖାଯାଉଛି ଯେ ପୁଲିସ୍ କର୍ତ୍ତୃପକ୍ଷ ଗାଡ଼ି ଚାଳକଙ୍କୁ ଜରିମାନା ଅର୍ଥ ଦେବାପାଇଁ ବାଧ କରୁଛନ୍ତି। ଗାଡ଼ିମୋଟରକୁ ଘଣ୍ଟା ଘଣ୍ଟା ଧରି ଅଟକାଇ ରଖୁଛନ୍ତି। ତେବେ ଜରିମାନା ଅର୍ଥ ଯେଉଁଭଳି ସୁରୁଖୁରୁରେ ଆଦାୟ ହୋଇପାରିବ ସେଥିପାଇଁ କିଛିଦିନ ତଳେ ପରିବହନ ବିଭାଗ ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ସହିତ ବୁଝାମଣା ହୋଇଥିଲା। ବ୍ୟାଙ୍କ୍ କର୍ତ୍ତୃପକ୍ଷ ପୋସ୍ ମେସିନ୍ ଯୋଗାଇ ଦେଇଥିଲେ। ଏହି ମେସିନ୍ ଜରିଆରେ ଗାଡ଼ିଚାଳକ ଚାହିଁଲେ କ୍ରେଡିଟ୍, ଡେବିଟ୍ କାର୍ଡ କିମ୍ବା ୟୁପିଆଇ ଜରିଆରେ ଅର୍ଥ ପଇଠ କରିପାରିବେ। ଜରିମାନା ଆଦାୟ ପାଇଁ ଗାଡ଼ିମୋଟରଗୁଡ଼ିକ ଯେଭଳି ରାସ୍ତା ଉପରେ ଘଣ୍ଟା ଘଣ୍ଟା ଅପେକ୍ଷା ନକରିବେ ସେଥିପାଇଁ ଏହି ଯୋଜନା ଆରମ୍ଭ ହୋଇଥିଲା।

ବହୁ ଆଡ଼ମ୍ବରରେ ପରିବହନ ଓ ପୁଲିସ୍ ବିଭାଗ ଏହାର ଶୁଭାରମ୍ଭ କରି ଜୋରଦାର ପ୍ରଚାର ବି କରାଇଥିଲେ। ହେଲେ କୌଣସି ସ୍ଥାନରେ ଏହି ମେସିନ୍ ଜରିଆରେ ଜରିମାନା ଅର୍ଥ ଆଦାୟ ହେଉଥିବା ଦେଖିବାକୁ ମିଳୁନାହିଁ। ସବୁଠାରେ ନଗଦ ଅର୍ଥ ଦେବାକୁ ଗାଡ଼ିଚାଳକଙ୍କୁ ବାଧ କରାଯାଉଛି। ତେବେ ଏହି ମେସିନଗୁଡ଼ିକ କ'ଣ ହେଲା ଓ କାହିଁକି ଏହା ବ୍ୟବହାର କରାଯାଉ ନାହିଁ ସେ ସଂକ୍ରାନ୍ତରେ ଉଭୟ ପୁଲିସ୍ ଓ ପରିବହନ ବିଭାଗ ନିରବତା ଅବଲମ୍ବନ କରୁଛନ୍ତି। ଯାହା ଫଳରେ କମିସନରେଟ ପୁଲିସକୁ ସମାଲୋଚନାର ଶିକାର ହେବାକୁ ପଡୁଛି।



## ଆରମ୍ଭ ହେଲା ମାଟ୍ରିକ୍ ବୋର୍ଡ ପରୀକ୍ଷା

# ଭୁବନେଶ୍ୱରରେ ପରୀକ୍ଷା ଦେଲେ ୧୧,୯୭୫ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨୧।୨(ସମିସ): ଆରମ୍ଭ ହେଲା ମାଟ୍ରିକ୍ ବୋର୍ଡ ପରୀକ୍ଷା। ପ୍ରଥମ ଦିନ ଭୁବନେଶ୍ୱରରେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଛି। ଭୁବନେଶ୍ୱର ବ୍ଲକ୍ ସମେତ ମହାନଗର ନିଗମରେ ୩ଟି ନୋଡାଲ ସେଣ୍ଟର ଅଧୀନରେ ପରୀକ୍ଷା ଦେବାକୁ ମୋଟ୍ ୧୨,୦୨୧ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ୧୧,୯୭୫ ଜଣ ପରୀକ୍ଷା ଦେଇଥିବାବେଳେ ୪୬ ଜଣ ଅନୁପସ୍ଥିତ ରହିଛନ୍ତି। ୟୁନିଟ୍-୩ କ୍ୟାପିଟାଲ୍ ହାଇସ୍କୁଲ୍ ନୋଡାଲ ସେଣ୍ଟର ଅଧୀନରେ ୧୭ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ତହିଁରେ ୪୬୩୪ ପିଲା ପରୀକ୍ଷା ଦେଇଥିବାବେଳେ ୧୧ ଜଣ ଅନୁପସ୍ଥିତ ରହିଛନ୍ତି। ୟୁନିଟ୍-୮ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ୧୬ଟି ପରୀକ୍ଷା କେନ୍ଦ୍ର ହୋଇଛି। ତହିଁରେ ୪୨୪୯ ପିଲା ପରୀକ୍ଷା ଦେଇଥିବାବେଳେ ୧୯ ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଅଧୀନରେ ୩୦୯୨ ପିଲା ପରୀକ୍ଷା ଦେଇଛନ୍ତି ଓ ୧୬ ଜଣ ଅନୁପସ୍ଥିତ ରହିଛନ୍ତି।

**ପ୍ରଥମ ଦିନ ୪୬ ପିଲା ଅନୁପସ୍ଥିତ**

ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ୮ଟା ସୁଦ୍ଧା କଡ଼ା ସୁରକ୍ଷା ମଧ୍ୟରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିଥିଲା। ୧୧.୩୦ରେ ପରୀକ୍ଷା ଶେଷ ହୋଇଥିଲା। ପ୍ରଥମ ଦିନର ଏମ୍ଆଇଏଲ୍ (ଓଡ଼ିଆ) ପରୀକ୍ଷାକୁ ନେଇ ପରୀକ୍ଷାର୍ଥୀମାନେ ଖୁସିବ୍ୟକ୍ତ କରିଛନ୍ତି। ପରୀକ୍ଷାର୍ଥୀ ମାମା ପାତ୍ର କହିଛନ୍ତି ଯେ ପରୀକ୍ଷା ପୂର୍ବରୁ ମନରେ ସାମାନ୍ୟ ଡର ଥିଲା। ପ୍ରଶ୍ନପତ୍ର ଦେଖିବା ପରେ ଭୟ ଦୂର ହୋଇଥିଲା। ସମୟ ଅନୁସାରେ ନିର୍ଭୟ ହୋଇ ପରୀକ୍ଷା ଦେଇଛି ଓ ଭଲ ହୋଇଛି। ସେହିପରି ସୌରଭ ମିଶ୍ର କହିଛନ୍ତି ଯେ ଓଡ଼ିଆ ପରୀକ୍ଷା ଭଲ ହୋଇଛି। ଆଗକୁ ଥିବା ପରୀକ୍ଷାଗୁଡ଼ିକରେ ମଧ୍ୟ ଭଲ କରିବାକୁ ଲକ୍ଷ୍ୟ ରଖିଛି।

## ମାତୃଭାଷା ଦିବସ ପାଳିଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୨୧।୨(ସମିସ): ଉତ୍କଳ ଗୌରବ ମଧୁସୂଦନ ଦାସ ଜାଣିଥିଲେ ନିଜ ମାତୃଭାଷାକୁ ନଚିହ୍ନିଲେ ଜାତି ଆଗକୁ ଯାଇ ପାରିବ ନାହିଁ ଓ ଯେଉଁ ପର୍ଯ୍ୟନ୍ତ ଜଗନ୍ନାଥ ମନ୍ଦିର ଓ ଭାଗବତ ଟୁଙ୍ଗୀ ଅଛି ସେ ପର୍ଯ୍ୟନ୍ତ ମୋ ରାଜ୍ୟର ସୀମା ରହିବ ବୋଲି ମଧୁବାବୁ କହିଥିଲେ ବୋଲି



ମତପ୍ରକାଶ ପାଇଛି। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଆୟୋଜିତ ବିଶ୍ୱ ମାତୃଭାଷା ଦିବସରେ ଅତିଥି ଭାବେ ଡ. ଆରତି କର, ସମ୍ମିଳନୀର ରାଜ୍ୟ ସଭାପତି ଅନନ୍ତ ପ୍ରସାଦ ଜେନା, ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ ଯେ ଜାତୀୟ ଶିକ୍ଷାନୀତି ଅନୁସାରେ ରାଜ୍ୟ ସୀମାନ୍ତ ଓ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଛାତ୍ରଛାତ୍ରୀ ନିଜ ମାତୃଭାଷାରେ ଶିକ୍ଷା ଗ୍ରହଣ କରିବାରୁ ବଞ୍ଚିତ ହେଉଛନ୍ତି। ଏଥିସହ ଜଣେ ବ୍ୟକ୍ତି ନିଜ ମାତୃଭାଷା, ଦେଶଭାଷା ଓ ବିଶ୍ୱଭାଷା ଜାଣିବା ଆବଶ୍ୟକ ବୋଲି କହିଥିଲେ। ସମ୍ମିଳନୀର ଉପସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁବ୍ରତ ମହାପାତ୍ର, ଶିବବ୍ରତ ମହାନ୍ତି, ନିମାଇଁ ଦାସ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ମଞ୍ଚେଶ୍ୱର ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ଭାବନା ପକ୍ଷରୁ ମାତୃଭାଷା ଦିବସ ପାଳିତ

ଭୁବନେଶ୍ୱର,୨୧।୨(ସମିସ): ସମ୍ଭାବନା ପକ୍ଷରୁ ଭାଷା ଓ ଅସ୍ମିତାକୁ ନେଇ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପଦ୍ମଶ୍ରୀ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଭିନ୍ନ କବିଙ୍କର କାଳଜୟୀ କବିତା ଆବୃତ୍ତି କରିଥିଲେ କବି ମିନତୀ ମିଶ୍ର, ତନ୍ଦ୍ରାଳସା ଦାସ, ସ୍ମୃତି ମହାନ୍ତି, ନୀଳିମା ପଟ୍ଟନାୟକ, ପୁଷ୍ପଲତା ମିଶ୍ର, ଜ୍ୟୋତ୍ସ୍ନାମୟୀ ସେନାପତି। ଜନପ୍ରିୟ ସଂଗୀତ ପରିବେଷଣ କରିଥିଲେ ଛନ୍ଦା ମିଶ୍ର। ଡକ୍ଟର ସନ୍ତୋଷ ତ୍ରିପାଠୀ, ସମ୍ଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା ପ୍ରମୁଖ ଓଡ଼ିଆ ଅସ୍ମିତା ପାଇଁ ସମ୍ଭାବନାର ପ୍ରୟାସ ସମ୍ପର୍କରେ କହିଥିଲେ। ଡକ୍ଟର ଦେବାଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମୀନାକ୍ଷୀ ପଟ୍ଟନାୟକ, ରଶ୍ମିତା ରଥ, ରେଖା ସାହୁ, ସୌଦାମିନୀ ସାମଲ, ମୀନା ପାଣିଗ୍ରାହୀ, ଶ୍ୱେତପଦ୍ମା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହେଭି ମୋଟର ଲଗାଇବାକୁ ୱାଟ୍‌କୋ କୁନ୍ଥକୁନ୍ଥ

# ରାସ୍ତାରେ ଭାସୁଛି ନର୍ଦ୍ଦମା ପାଣି

ଭୁବନେଶ୍ୱର,୨୧।୨(ସମିସ)

ସତ୍ୟବିହାର ଏବଂ କିଶନନଗର ଅଞ୍ଚଳରେ ସ୍ୱେରେଜ୍ ଲାଇନ୍ ଖୋଳାଗଲା। ହେଲେ ଏହି ଲାଇନରେ ଯାଉଥିବା ଅପରିଷ୍କାର ଜଳକୁ ପରିଚାଳନା ପାଇଁ ଆବଶ୍ୟକ ଅଣ୍ଡରଗ୍ରାଉଣ୍ଡ ହେଭି ମୋଟର ଲଗାଇବାକୁ କୁନ୍ଥକୁନ୍ଥ ହେଲା ୱାଟ୍‌କୋ। ୧୦ଏଚ୍‌ପିର ମୋଟର ବଦଳରେ ଅତ୍ୟନ୍ତ କମ୍ କ୍ଷମତା ବିଶିଷ୍ଟ ମୋଟର ଲଗାଇ ଚାଲିଗଲା। ଫଳରେ ଜଳନିଷ୍କାସନ ତ ହୋଇପାରିଲା ନାହିଁ, ବରଂ ଦୁଇ ଦିନ ଭିତରେ ମୋଟର ଅଚଳ ହୋଇଗଲା। ଏହି କାରଣରୁ ସମଗ୍ର ଅଞ୍ଚଳରେ ସ୍ୱେରେଜ୍ ପାଣି ନିଷ୍କାସନଜନିତ ସମସ୍ୟା ଉପୁଜିଲା। ଶେଷରେ ଅଞ୍ଚଳର ଏକ ରାସ୍ତା ବନ୍ଦ କରିଦିଆଯାଇଛି। ଏକ ମେଡିକାଲ କ୍ୟାଣ୍ଟିନ୍ ନିକଟରେ ରାସ୍ତା ଉପରେ ବଡ଼ ମୋଟର ଲଗାଇ ସ୍ୱେରେଜ୍ ପାଣିକୁ ଖୋଲା ଡ୍ରେନ୍ ଯୋଗେ ଛଡ଼ାଯାଉଛି। ଏତେ ସ୍ୱେରେଜ୍ ପାଣିକୁ ଡ୍ରେନ୍ ବି ନିଷ୍କାସନ କରିବା କ୍ଷମତା ବାହାରେ। ତେଣୁ ସ୍ୱେରେଜ୍ ପାଣି ଓଭର ଫ୍ଲୋ ହୋଇ ଏବେ ରାସ୍ତାରେ ଭାସୁଛି। ହେଭି ମୋଟର ଲଗାଇବାକୁ ନେଇ ୱାଟ୍‌କୋର ବେପରୁଆ ମନୋଭାବ ଯୋଗୁଁ ସତ୍ୟବିହାର ଏବଂ କିଶନନଗର ଅଞ୍ଚଳରେ ଖରାଦିନେ ବି ବନ୍ୟା ସ୍ଥିତି ସୃଷ୍ଟି ହେଉଛି। ଦୁର୍ଗନ୍ଧ ଯୋଗୁଁ ରାସ୍ତାରେ ଚାଲିବା ତ ଦୂରର କଥା ଘରେ

- ସତ୍ୟନଗର, କିଶନନଗର ପରେ ଆୟୁର୍ବେଦ ହସ୍ପିଟାଲ୍ ପାଖରେ ସମାନ ଅବସ୍ଥା
- ଦୀର୍ଘଦିନ ହେବ ସ୍ୱେରେଜ୍ ଲାଇନ୍ ଅଚଳ
- ୪ ହଜାର ପରିବାର ହନ୍ତସନ୍ତ

ରହିବା ବି କଷ୍ଟକର ହୋଇପଡୁଛି।

ବଡ଼ ମୋଟର ଲଗାଇବାକୁ ନେଇ ଅଞ୍ଚଳବାସୀ ୱାଟ୍‌କୋ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଉଥିଲେ ବି ୱାଟ୍‌କୋ ଅଧିକାରୀ ପ୍ରତିଶ୍ରୁତି ଦେଇ ଚୁପ୍ ବସୁଛନ୍ତି। ଏହା ମଧ୍ୟରେ ୬ ମାସ ବିତିଯାଇଥିଲେ ମଧ୍ୟ ହେଭି ମୋଟରଟିଏ ଲାଗିପାରିଲା ନାହିଁ। ଯାହା ଫଳରେ ଲୋକେ ଅପରିଷ୍କାର ପାଣିରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଦୁର୍ଗନ୍ଧରେ ଅତିଷ୍ଠ ହୋଇପଡୁଛନ୍ତି। ଅନ୍ୟପକ୍ଷରେ ସତ୍ୟବିହାରରେ ଏଭଳି ସ୍ଥିତି ସୃଷ୍ଟି ହେବାରୁ କିଶନ ନଗର ଅଞ୍ଚଳରେ ସ୍ୱେରେଜ୍ ଲାଇନ୍ ଅଚଳ ହୋଇଯାଇଛି। ଏହି ଅଞ୍ଚଳରେ ୱାଟ୍‌କୋ ଲୋକଙ୍କୁ ଆଉ ନୂଆ କନେକ୍ସନ୍ ଦେଉନାହିଁ। ଯାହାଫଳରେ ସ୍ଥାନୀୟ ଲୋକେ ବାଧ୍ୟ ହେଇ ଡ୍ରେନ୍‌କୁ ସ୍ୱେରେଜ୍ ପାଣି ଛାଡୁଛନ୍ତି। ଅପରିଷ୍କାର ପାଣି ଯୋଗୁଁ ଏଠାରେ ମଶା ବଂଶ ବୃଦ୍ଧି ପାଉଛି। ସନ୍ଧ୍ୟା ହେବା ମାତ୍ରେ ଘର ବାହାରେ କିମ୍ବା ଭିତରେ ରହି ହେଉନି।



ମଶାଙ୍କ ପ୍ରାଦୁର୍ଭାବ ଯୋଗୁଁ ଛିଡ଼ା ହେବା କଷ୍ଟ ହୋଇଯାଉଛି।

ତେବେ ଏହି ଅଞ୍ଚଳରେ ଡ୍ରେନ୍‌ର ଡିଜାଇନ୍ ମଧ୍ୟ ଭୁଲ ହୋଇଥିବା ଲୋଭେ ଅଭିଯୋଗ କରିଛନ୍ତି। ଡ୍ରେନ୍‌ର ନିର୍ମାଣ ବେଳେ ଗୋଟିଏ ନିର୍ଦ୍ଦିଷ୍ଟ ଦିଗରେ ଢାଲୁ ହେବା ଆବଶ୍ୟକତା ଥିଲା। ଏଥିପାଇଁ ମଧ୍ୟ ରାସ୍ତାରେ ଅପରିଷ୍କାର ପାଣି ଭାସୁଥିବା ନେଇ ଲୋକେ ଅଭିଯୋଗ କରନ୍ତି।

ଅନ୍ୟପକ୍ଷରେ ଷ୍ଟୁଡିଓ ଛକରୁ ସମ୍ ହସ୍ପିଟାଲ ଆଡ଼କୁ ଗଲାବେଳେ ଆୟୁର୍ବେଦ ହସ୍ପିଟାଲ ନିକଟରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଛି। ଦୀର୍ଘଦିନ ହେବ ଏଠାରେ ଡ୍ରେନ୍ ପାଣି ରାସ୍ତାରେ ଭାସୁଛି। ଲୋକେ ପ୍ରତ୍ୟେକ ଦିନ ଏହା ବିରୋଧରେ ସୋସିଆଲ୍ ମିଡିଆରେ ଫଟୋ ଅପଲୋଡ୍ କରି ଏହାକୁ ଠିକ୍ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରୁଛନ୍ତି। ବିରକ୍ତି ପ୍ରକାଶ ବି କରୁଛନ୍ତି। ହେଲେ କିଛି ଫଳପ୍ରଦ ହେଉ ନାହିଁ। ଏହାକୁ ନେଇ ବିଗତ ଦିନରେ ବିଭାଗୀୟ ମନ୍ତ୍ରୀ ଏକ ବୈଠକରେ ଆଲୋଚନା କଲେ ଲାଗିଲା ସବୁକିଛି ଠିକ୍ ହୋଇଯିବ। ହେଲେ ବୈଠକରେ ଆଲୋଚନା ହୋଇଥିବା କଥା କେବଳ କାଗଜପତ୍ରରେ ସୀମିତ ରହିଗଲା। ଲୋକେ ଯେମିତି ହଇରାଣ ହେଉଥିଲେ ଏବେ ବି ସେଭଳି ହଇରାଣ ହେଉଛନ୍ତି।

## ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର, ୨୧।୨(ସମିସ)

ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ବାର୍ଷିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ଡ. ମିହିର ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ସମାଜସେବୀ ପଦ୍ମ ଚରଣ ନାୟକ ଯୋଗଦେଇ ଅବସରପ୍ରାପ୍ତ ଶିକ୍ଷକମାନେ ସମାଜକୁ ଦିଗଦର୍ଶନ ଦେବାରେ ବ୍ରତୀ ହୁଅନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି। ଏହାସହ ସମାଜ ପ୍ରତି ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକାରିଣୀ ସଦସ୍ୟ ଡ. ଅମିୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଡ. କୈଳାସ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଫେସର ଧନେଶ୍ୱର ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉପସଭାପତି ଡ. ନାରାୟଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୨୧ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତନ୍ମଧ୍ୟରେ ପ୍ରଫେସର ଅଖିଳକୃଷ୍ଣ ପାଣିଗ୍ରାହୀ, ଅଯୋଧ୍ୟା ପ୍ରସାଦ ନାୟକ, ଅଲେଖ ଚନ୍ଦ୍ର ନାୟକ, କୁମର ଚନ୍ଦ୍ର ମିଶ୍ର, କୃଷ୍ଣଚନ୍ଦ୍ର ପଟ୍ଟନାୟକ, କେ. ଗୋପାଳ ରାଜୁ, ଗିରିଜା ପ୍ରସାଦ ଆଚାର୍ଯ୍ୟ, ଜଗନ୍ନାଥ ସା, ଦେବେନ୍ଦ୍ରନାଥ ରାଉତ, ନିତ୍ୟାନନ୍ଦ ସାହୁ, ପ୍ରଭାତୀ ଦାଶ, ବିଜୟା ମିଶ୍ର, ବୃନ୍ଦାବନ ବିହାରୀ ମିଶ୍ର, ବ୍ରହ୍ମାନନ୍ଦ ମହାନ୍ତି, ଭିକାରି ଚରଣ ରଥ, ରତ୍ନାକର ପାଢ଼ୀ, ଶୈଳେନ୍ଦ୍ର ମହାପାତ୍ର, ସୁବାସିନୀ ଲେଙ୍କା, ସୁନ୍ଦର ନାରାୟଣ ପାତ୍ର, ହରିକୃଷ୍ଣ ଦାଶ ଓ ହରିଶ୍ଚନ୍ଦ୍ର ପଣ୍ଡା ପ୍ରମୁଖ ସମ୍ମାନିତ ହୋଇଛନ୍ତି। ଡ. ବିଦ୍ୟୁତପ୍ରଭା ଗନ୍ତାୟତ ଓ ଡ. ଆହ୍ଲାଦିନୀ ଧୀର ମଞ୍ଚ ପରିଚାଳନା କରିଥିଲେ।

**• ପ୍ରତିଶ୍ରୁତିରେ ସୀମିତ ନିର୍ବାଚନ ସଂକଳ୍ପ ପତ୍ର**

## ଓଡ଼ିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତିର ଗଣଧାରଣା

ଭୁବନେଶ୍ୱର,୨୧।୨(ସମିସ): ଓଡ଼ିଶା ଭତ୍ତାପ୍ରଦାନ ସଂଘର୍ଷ ସମିତି, ଭୁବନେଶ୍ୱର ପକ୍ଷରୁ ଗଣାଧାରଣା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମଧ୍ୟରେ ଥିବା ୫୭ ଲକ୍ଷ ହିତାଧିକାରୀ ଆର୍ଥିକ ଅନଟନ ମଧ୍ୟ ଦେଇ ଗତି କରୁଥିବା ବେଳେ ଦଳ ନିର୍ବାଚନ ସଂକଳ୍ପ ପତ୍ର ଅନୁଯାୟୀ ଏଯାଏଁ ୩ ହଜାର ଟଙ୍କା ଭତ୍ତା ପ୍ରଦାନ ନେଇ ଘୋଷଣା ହୋଇନଥିବା ସଂଘ ଅଭିଯୋଗ କରିଛି। ଏହି ସମାନ ଅଭିଯୋଗ ନେଇ ଗତ ଶୀତକାଳୀନ ଅଧିବେଶନ



ସମୟରେ ଲୋୟର ପିଏମ୍‌ଜିରେ ଗଣଧରଣା ଦେଇଥିଲେ ମଧ୍ୟ ସେମାନଙ୍କୁ ୩ ହଜାର ଟଙ୍କା ପ୍ରଦାନ ପାଇଁ କୌଣସି ନିଷ୍ପତି ନିଆଯାଇ ନାହିଁ। ଏ ନେଇ ସେମାନେ ସରକାରଙ୍କ ନିକଟରେ ଦାବିପତ୍ର ମାଧ୍ୟମରେ ନିବେଦନ କରିବା ସହ ରାଜ୍ୟର ଏଭଳି ହିତାଧିକାରୀଙ୍କୁ ମାସିକ ୩ ହଜାର ଟଙ୍କା ପ୍ରଦାନ କରିବାକୁ ପୁନର୍ବାର ଗଣଧରଣା ଓ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି। ଚଳିତ ବିଧାନସଭା ଅଧିବେଶନରେ ନିଷ୍ପତ୍ତି ନେବା ଓ ତ୍ୱରିତ ପଦକ୍ଷେପ ନେଇ ସମସ୍ତଙ୍କୁ ୩ ହଜାର ଟଙ୍କା ଭତ୍ତା ଘୋଷଣା ହେଲେ ସେମାନେ ଆନ୍ଦୋଳନରୁ ଓହରିବେ ବୋଲି କହିଛନ୍ତି।

**ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ଆଲୋଚନାଚକ୍ର**

## 'ରାଧାମୋହନଙ୍କର କବିତାରେ କାହାଣୀ ବର୍ଣ୍ଣନାଶୈଳୀ ଅତୁଳନୀୟ'

ଭୁବନେଶ୍ୱର,୨୧।୨(ସମିସ)

ଛନ୍ଦକବି ରାଧାମୋହନ ଗଡ଼ନାୟକ ଇତିହାସ ଓ କିମ୍ବଦନ୍ତୀରୁ ଉପାଦାନ ସଂଗ୍ରହ କରି ଯେଉଁ ଗାଥା କବିତାଗୁଡ଼ିକ ରଚନା କରିଯାଇଛନ୍ତି ତାହା ଖୁବ୍ ହୃଦୟଗ୍ରାହୀ। ତାଙ୍କ କବିତାରେ କାହାଣୀ ବର୍ଣ୍ଣନାର ଦକ୍ଷତା ଅତୁଳନୀୟ ଥିଲା ବୋଲି 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ସାହିତ୍ୟ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ରାଧାମୋହନଙ୍କ ପରଲୋକର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସଭାରେ ବକ୍ତାମାନେ ରାଧାମୋହନ ଓଡ଼ିଆ ଭାଷାର ଜଣେ ଅଭିଜ୍ଞ ଓ ପରାକ୍ରମଶାଳୀ ଗଡ଼ନାୟକ ଥିଲେ ବୋଲି କହିଥିଲେ। ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ



ଏହି ସଭାରେ ବକ୍ତାମାନେ ରାଧାମୋହନଙ୍କର ସଂସ୍କୃତ ଓ ଇଂରାଜୀ ଭାଷାରେ ପାଣ୍ଡିତ୍ୟ ଯୋଗୁ ଓଡ଼ିଆ ସାହିତ୍ୟକୁ କାଳିଦାସଙ୍କ 'ମେଘଦୂତ', 'କୁମାରସମ୍ଭବମ୍', ଜୟଦେବଙ୍କ 'ଗୀତଗୋବିନ୍ଦ' ଠାରୁ ଆରମ୍ଭ କରି ବହୁ ଇଂରାଜୀ କବିଙ୍କ କବିତା ଅନୁବାଦର ଦୃଷ୍ଟାନ୍ତ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ଯୋଗଦେଇ କହିଥିଲେ ଯେ, ଅତୀତପ୍ରୀତି, ମା', ମାଟି, ମାନବପ୍ରୀତି, ଇତିହାସମନସ୍କ ଏବଂ ପ୍ରଗତିଶୀଳ ଆଭିମୁଖ୍ୟ ଥିଲା ରାଧାମୋହନଙ୍କ କାବ୍ୟରଚନାର ବଳିଷ୍ଠ ଅଙ୍ଗ। ସଭାରେ ସାରଳା ପୁରସ୍କାର ବିଜୟିନୀ ବନଜ ଦେବୀ ତାଙ୍କ ଜୀବନରେ ରାଧାମୋହନଙ୍କ ସହ ବିତାଇଥିବା ସ୍ମରଣୀୟ ସ୍ମୃତି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଆରତି କର, ଡ. ମିନତୀ ଷଡଙ୍ଗୀ, ପ୍ରଭାତ କୁମାର ନନ୍ଦ, ହରିପ୍ରିୟା ପଟ୍ଟନାୟକ, ନିଶାକର ରାଉତ, ଡ. ପ୍ରେମଲତା ଦେବୀ, ରାମନାରାୟଣ ମିଶ୍ର ପ୍ରମୁଖ ଯୋଗଦେଥିଲେ। ପ୍ରାରମ୍ଭରେ ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସୁକାନ୍ତ ପ୍ରଧାନ ସଭାର ସମୀକ୍ଷା କରିଥିଲେ। ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

**ଦୃଷ୍ଟିବାଧିତଙ୍କ ହାତର ଯାଦୁଗରୀ**

## ଆଣ୍ଠୁ ଗଣ୍ଠି ବ୍ୟଥାରୁ ଉପଶମ ଦେଉଛି 'ଟଙ୍କିଂ ହ୍ୟାଣ୍ଡସ୍'

ଭୁବନେଶ୍ୱର,୨୧।୨(ସମିସ)

ସେମାନେ ସୃଷ୍ଟିର ସୌନ୍ଦର୍ଯ୍ୟକୁ ଦେଖି ନାହାନ୍ତି। କଳା, ଧଳା, ନାଲି ଗୋଲାପି ରଙ୍ଗ ସେମାନଙ୍କ ପାଇଁ କେବଳ ଏକ ନାଁ। ଘଣ୍ଟାର ଟିକ୍ ଟିକ୍ ଶବ୍ଦରେ ହିଁ ସେମାନଙ୍କ ଦିନ ରାତି ହୋଇଥାଏ। ପୃଥିବୀକୁ ଦୃଷ୍ଟିବାଧିତ ହୋଇ ଆସିଥିଲେ ବି ଇଚ୍ଛାଶକ୍ତି ଆଗରେ ହାର ମାନିଛି ଅକ୍ଷମତା। କିଛି ଦେଖିପାରୁନଥିଲେ ବି ନିଜର ଦକ୍ଷତା ପ୍ରତିପାଦିତ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଦୁଇ ପ୍ରତିଭା। ପ୍ରମୋଦ କିଣ୍ଡୋ ଓ ଦୟାସାଗର। କଥା କହୁଛି ସେମାନଙ୍କ ଯାଦୁକରୀ ହାତ। ହାତର ସ୍ପର୍ଶରେ ବିଭିନ୍ନ ବ୍ୟଥାରୁ ଉପଶମ ମିଳୁଛି।



ତେଣୁ ସେମାନଙ୍କ 'ଟଙ୍କିଂ ହ୍ୟାଣ୍ଡସ୍' ଥେରାପି ନେବାକୁ ଲାଗୁଛି ଲୋକଙ୍କ ଲମ୍ବା ଲାଇନ୍।

ଜଟଣୀ ସ୍ପେଶାଲ ଆଇଟିଆଇରେ ଭିନ୍ନକ୍ଷମମାନଙ୍କ ପାଇଁ ବିଭିନ୍ନ ଟ୍ରେନିଂ ଦିଆଯାଉଥିବା ବେଳେ ଏବେ ଚର୍ଚ୍ଚାରେ ରହିଛି 'ଟଙ୍କିଂ ହ୍ୟାଣ୍ଡସ୍' ଥେରାପି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି ଥେରାପି ମାଗଣାରେ ଦିଆଯାଉଥିବାରୁ ଲୋକଙ୍କ ଲମ୍ବା ଧାଡ଼ି ଲାଗିଥିଲା। ଦୟାସାଗର ଓ ପ୍ରମୋଦ ଗ୍ରାଜୁଏସନ୍ ପରେ ଏହି ଟ୍ରେନିଂ ନେଇଛନ୍ତି। ଦିନକୁ ସେ ପ୍ରାୟ ୪ଜଣଙ୍କର ଫୁଲ୍ ବଡି ମସାଜ୍ କରୁଥିବାବେଳେ ସାଧାରଣ ମସାଜରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଥେରାପି ଦେଉଥିବା କହିଛନ୍ତି। ତେବେ ଏହି କାର୍ଯ୍ୟକ୍ରମକୁ ଆସିଥିବା ଲୋକମାନେ ଥେରାପି ନେବା ସହ ସେମାନଙ୍କ ହାତରେ ଯାଦୁ ରହିଥିବା କହିଛନ୍ତି। ଏହି 'ଟଙ୍କିଂ ହ୍ୟାଣ୍ଡସ୍' ଥେରାପିରେ କୌଣସି ମେସିନ୍ ବ୍ୟବହାର କରାଯାଉନଥିବାବେଳେ ହାତ ମସାଜ୍ ଟେକନିକ୍ ସମ୍ପୂର୍ଣ୍ଣ ଭିନ୍ନ ବୋଲି ଲୋକେ ମତ ଦେଇଛନ୍ତି। ପ୍ରଥମ ଥର ଓଡ଼ିଶାରେ ଦୃଷ୍ଟିବାଧିତଙ୍କ ପାଇଁ ଏହି ଟ୍ରେନିଂ ଆରମ୍ଭ ହୋଇଛି। ୬ମାସ ଅବଧି ବିଶିଷ୍ଟ ଏହି ଥେରାପି ଗତ ୨୦୨୪ ମସିହା ନଭେମ୍ବର ୨୫ରୁ ମାସରୁ ଆରମ୍ଭ ହୋଇଥିବା ବେଳେ ଟ୍ରେନିଂ ଶେଷ ହେବା ପରେ ସେମାନେ ବିଭିନ୍ନ ଘରୋଇ କମ୍ପାନୀ, ଫିଜିଓଥେରାପି ସେଣ୍ଟର, ହସ୍ପିଟାଲ ଆଦିରେ ନିଯୁକ୍ତି ପାଇବେ ବୋଲି ସେମାନଙ୍କୁ ଟ୍ରେନିଂ ଦେଉଥିବା ନିତୁ ଗର୍ଗ କହିଛନ୍ତି। ନିତୁ ପ୍ରଥମେ ଏହି ଟ୍ରେନିଂ ନ୍ୟାପ୍ (ନ୍ୟାସନାଲ ଆସୋସିଏସନ୍ ଫର ବ୍ଲାଇଣ୍ଡ ୱିମେନ୍) ଦିଲ୍ଲୀରୁ ନେବା ପରେ ବର୍ତ୍ତମାନ ଜଟଣୀ ସ୍ଥିତ ସ୍ପେଶାଲ ଆଇଟିଆଇରେ ଦୃଷ୍ଟିବାଧିତଙ୍କୁ ଟ୍ରେନିଂ ଦେଉଛନ୍ତି। ଏହି ଥେରାପି ନିଶ୍ଚିତ ଭାବେ ଦୃଷ୍ଟିବାଧିତଙ୍କୁ ଆତ୍ମନିର୍ଭରଶୀଳ କରାଇବା ସହ ଲୋକମାନେ ପ୍ରାକୃତିକ ଉପାୟରେ ବ୍ୟଥାରୁ ଉପଶମ ପାଇବେ। ପ୍ରଥମ ପର୍ଯ୍ୟାୟରେ ୫ଜଣ ଟ୍ରେନିଂ ନେଉଥିବା ବେଳେ ଆଗକୁ ଏହି ସଂଖ୍ୟା ବୃଦ୍ଧି କରାଯିବ ଏବଂ ଏଥିରେ ମହିଳା ଓ ଯୁବତୀ ଦୃଷ୍ଟିବାଧିତଙ୍କୁ ସାମିଲ କରାଯିବ ବୋଲି ସେ କହିଛନ୍ତି।

## ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃଭାଷା ଦିବସ



ଭୁବନେଶ୍ୱର,୨୧।୨(ସମିସ): ବରଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୌଭାଗ୍ୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ତଥା ଶିଶୁ ସାହିତ୍ୟକ ବଙ୍କିମ ଚନ୍ଦ୍ର ନାୟକ ଯୋଗଦେଇ ଓଡ଼ିଆ ଅସ୍ମିତା ଓ ମାତୃଭାଷାର ଉପାଦେୟତା ଉପରେ ଶିଶୁମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଶୈକ୍ଷିକ ସଂଯୋଜିକା ସୁଲୋଚନା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମାତୃଭାଷା ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ୧୬ଜଣ କୃତୀ ଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ମାତୃଭାଷା ଆଚାର୍ଯ୍ୟ ଅଜିତ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ଓଡ଼ିଆ ମାଟିର ଯୋଗ୍ୟ ସନ୍ତାନ ନାଟକ ମଞ୍ଚସ୍ଥ କରାଯାଇଥିଲା। ମାତୃଭାଷା ଆଚାର୍ଯ୍ୟା ପ୍ରତିମା ନାୟକ, ମମତା ମହାନ୍ତି, ରାଜଶ୍ରୀ ମିଶ୍ର, ମନୋରଞ୍ଜନ ପୃଷ୍ଟି, ସୁଖଲତା ଦାଶ, ଶରତ ଚିନାରା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘର ବିକ୍ଷୋଭ

ଭୁବନେଶ୍ୱର,୨୧।୨(ସମିସ)

ନିଖିଳ ଓଡ଼ିଶା ସବୁଜ ପତ୍ରିକାଧାରୀ ସଂଘ ପକ୍ଷରୁ ଅଶୋକନଗରସ୍ଥିତ ରାଜ୍ୟ କାର୍ଯ୍ୟାଳୟରୁ ହଜାର ହଜାର ସବୁଜପତ୍ରିକାଧାରୀ ମହିଳା ଲୋୟର ପିଏମ୍‌ଜିଠାରେ ବିକ୍ଷୋଭପ୍ରଦର୍ଶନ କରିଥିଲେ। ସବୁଜପତ୍ରିକାଧାରୀଙ୍କୁ ମାସିକ ୧ହଜାର ଟଙ୍କା ପେନସନ, ୨୦ କିଲୋ ଚାଉଳ, ପ୍ରତ୍ୟେକଙ୍କୁ ୪ ଡିସିମିଲ୍ ଘରଡିହ, ମଧୁବାବୁ ପେନସନ, ଆୟୁଷ୍ମାନ ସ୍ୱାସ୍ଥ୍ୟ ଯୋଜନାରେ ସାମିଲ, ସରକାରୀ ଓ ବେସରକାରୀ ନିଯୁକ୍ତି କ୍ଷେତ୍ରରେ ୫ ପ୍ରତିଶତ ସ୍ଥାନ ସଂରକ୍ଷଣ, ଅସ୍ତ୍ରୋପଚାର ପରେ ନିଃସନ୍ତାନ ହୋଇଥିବା ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ, ସବୁଜ ପତ୍ରିକା ନ ଦେବା ନିର୍ଦ୍ଦେଶକୁ ପ୍ରତ୍ୟାହାର କରିବା, ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ସବୁଜ ପତ୍ରିକାଧାରୀଙ୍କ ପାଇଁ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ, ସବୁଜପତ୍ରିକାଧାରୀଙ୍କୁ ଅସଂଗଠିତ ଶ୍ରମିକ ବୋର୍ଡ ପରିସରଭୁକ୍ତ କରାଯିବା ନେଇ ୧୦ ଦଫା ଦାବି ଉପସ୍ଥାପନ କରିଥିଲେ। ଏଥିସହିତ ସଂଘର ସଭାପତି ସୁର ଜେନା ଓ କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ମାର୍ଥା ଓ ସମ୍ପାଦିକା ମିନତି ପ୍ରଧାନଙ୍କ ନେତୃତ୍ୱରେ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀଙ୍କୁ ୧୫ ଦିନ ମଧ୍ୟରେ ବିଭିନ୍ନ ଦାବି ଉପରେ ସ୍ଥାୟୀ ସମାଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାବିରାଣୀ ମହନ, ସଚିତା ପ୍ରଧାନ, ବାସନ୍ତୀ ବରାଳ, ଅନ୍ତର୍ଯ୍ୟାମୀ ମହାରଣା, ରଞ୍ଜୁ ଜ୍ୟୋତିଷ, ମିନତି ପ୍ରଧାନ ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

**ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର**




## ଅଣ-ସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଓ ଅର୍ଥନୈତିକ ବିକାଶ ସଂକ୍ରାନ୍ତ କର୍ମଶାଳା



ଭୁବନେଶ୍ୱର,୨୧।୨(ସମିସ): ଅଣ-ସଂଗଠିତ ଶ୍ରମିକଙ୍କ ସାମାଜିକ ସୁରକ୍ଷା, ମଜୁରି ଓ ଅର୍ଥନୈତିକ ବିକାଶ ସଂକ୍ରାନ୍ତୀୟ ଦୁଇ ଦିବସୀୟ କର୍ମଶାଳା ହୋଟେଲ୍ ଯଯାତିଠାରେ ଅନୁଷ୍ଠିତ ହୋଇଯାଇଛି। ଆକ୍ସନ୍‌ଏଡ୍ ଆସୋସିଏସନ୍, ସିସିଡବ୍ଲୁ ଡି ଓ ଜନ ଜାଗରଣ ଦାଦନ ସଂଘର ମିଳିତ ଆନୁକୂଲ୍ୟରେ ଏହି ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଦନ୍ତୋପନ୍ତ ଥେଙ୍ଗାଡ଼ି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡର ନିର୍ଦ୍ଦେଶକ ଧର୍ମେନ୍ଦ୍ର କୁମାର ମିଶ୍ର, ପ୍ରଫେସର ହରେକୃଷ୍ଣ ସ୍ୱାଇଁ, ଖୋର୍ଦ୍ଧାଜିଲ୍ଲା ଶ୍ରମ ବିଭାଗର ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଜୟ କୁମାର ପ୍ରଧାନ, ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ମେମ୍ବର ମହେନ୍ଦ୍ର ପରିଡ଼ା, ଆକ୍ସନଏଡ୍ ଆସୋସିଏସନ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରଦାନ କରିଥିବାବେଳେ ତୃପ୍ତୀମୟୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଆକ୍ସନଏଡ୍ ଆସୋସିଏନ୍‌ର ଶୁଭେନ୍ଦୁ କୁମାର ରାୟ ଓ ଲୋପମୁଦ୍ରା ବେହେରା ଶ୍ରମିକମାନଙ୍କ ସଚେତନତା ଦିଗରେ ମତବ୍ୟକ୍ତ କରିଥିଲେ। କର୍ମଶାଳାରେ ଜନଜାଗରଣ ଦାଦନ ସଂଘର ପ୍ରତିନିଧି, ଅଣସଂଗଠିତ ଶ୍ରମିକ ମଞ୍ଚର ପ୍ରତିନିଧି, ଜୀବନ ରେଖା ଘରୋଇ ପରିଚାରିକା ସଂଘର ପ୍ରତିନିଧି ଓ ବସ୍ତିସ୍ତରୀୟ ମାନବାଧିକାର ସୁରକ୍ଷା କର୍ମୀ ଅଂଶ ଗ୍ରହଣ କରିଥିଲେ।

## ଶିରିଡ଼ି ସାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ଭୁବନେଶ୍ୱର,୨୧।୨(ସମିସ): ପଟିଆ ଶିରିଡ଼ି ସାଇ ମନ୍ଦିରର ୧୩ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଏ ନେଇ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ୫୦୦ରୁ ଅଧିକ ମହିଳା ଏହି ଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗତ ତିନି ଦିନ ଧରି ଡ. ଗୁରୁ ପ୍ରସାଦ ମହାପାତ୍ରଙ୍କ ପ୍ରବଚନରେ ଶୁଣିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ପ୍ରଶାନ୍ତି ବିହାର ୟୁ.ପି ସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର, ପଠାଣି ସାମନ୍ତ ଶିକ୍ଷା କେନ୍ଦ୍ର, ନୃତ୍ୟଭୂମି ସାଂସ୍କୃତିକ ଟ୍ରଷ୍ଟ ଓ ଜୟଦେବ ଶିକ୍ଷା କେନ୍ଦ୍ରରୁ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଇ ଶକ୍ତି ଟ୍ରଷ୍ଟର ମୁଖ୍ୟ ମିହିର କୁମାର ରାଉତ ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି।

## ଆଚାର୍ଯ୍ୟ ହରିହରଙ୍କ ଶ୍ରାଦ୍ଧୋତ୍ସବ




ଭୁବନେଶ୍ୱର,୨୧।୨(ସମିସ): ଆଚାର୍ଯ୍ୟ ହରିହର ଥିଲେ ଓଡ଼ିଆ ଜାତି ପାଇଁ ଉତ୍ସର୍ଗୀକୃତ। ସର୍ବୋଦୟ ଓ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ସେ ନିଜର ଜୀବନକୁ ସମ୍ପୂର୍ଣ୍ଣ ସମର୍ପିତ କରି ଦେଇଥିଲେ। ଭଲ ମଣିଷ ଗଢ଼ି ତୋଳିବା ଥିଲା ତାଙ୍କ ଜୀବନର ପରମ ଓ ଚରମ ଲକ୍ଷ୍ୟ ବୋଲି ଆଜି ତାଙ୍କ ମହାପ୍ରୟାଣ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆଜି ପୂର୍ବାହ୍ନରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରାଜଧାନୀର ଆଚାର୍ଯ୍ୟ ବିହାରରେ ଅବସ୍ଥିତ ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତିସ୍ଥଳରେ ଆଚାର୍ଯ୍ୟ ହରିହରଙ୍କ ୫୩ତମ ତିରୋଧାନ ଦିବସ ପାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସତ୍ୟବ୍ରତ ଜେନା, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ଡ. ଅମ୍ବରେଶ ମିଶ୍ର, ଗିରିଜା ଶଙ୍କର ମହାପାତ୍ର, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## 'ଥର୍ମାଲ ସ୍ପ୍ରେ କନ୍‌ଫରେନ୍ସ ଭବିଷ୍ୟତ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ'




ଭୁବନେଶ୍ୱର,୨୧।୨(ସମିସ)

ଥର୍ମାଲ୍ ସ୍ପ୍ରେ କନଫରେନ୍ସ ଭବିଷ୍ୟତ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଶୁକ୍ରବାର ସିଏସ୍‌ଆଇଆର୍ (କାଉନ୍‌ସିଲ୍ ଅଫ୍ ସାଇଣ୍ଟିଫିକ୍ ଆଣ୍ଡ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ)-ଆଇଏମ୍‌ଏମ୍‌ଟି (ଇନଷ୍ଟିଚ୍ୟୁଟ୍ ଅଫ୍ ମିନେରାଲସ୍ ଆଣ୍ଡ ମେଟେରିଆଲସ୍ ଟେକ୍ନୋଲୋଜି) ଓ ଇଣ୍ଡିଆନ୍ ଥର୍ମାଲ ସ୍ପ୍ରେ ଆସୋସିଏସନ୍‌ର ମିଳିତ ସହଯୋଗରେ ସିଏସ୍‌ଆଇଆର୍ ଆଇଏମ୍‌ଏମ୍‌ଟି ଅଡିଟୋରିଅମ୍‌ଠାରେ ଆୟୋଜିତ ଦ୍ୱିତୀୟ ଜାତୀୟ ଥର୍ମାଲ୍ ସ୍ପ୍ରେ କନ୍‌ଫରେନ୍ସକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଥିଲେ ଯେ, ଆମେ ଯେଉଁ ଯୁଗରେ ଅଛୁ ସେଠାରେ ସ୍ଥାୟିତ୍ୱ ଏବଂ ଦକ୍ଷତା କେବଳ ଲକ୍ଷ୍ୟ ନୁହେଁ ବରଂ ଶିଳ୍ପର ପ୍ରଗତି ପାଇଁ ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ମହାକାଶରୁ ଓ ଅଟୋମୋଟିଭ୍ କ୍ଷେତ୍ର, ସ୍ୱାସ୍ଥ୍ୟରୁ ଶିଳ୍ପ ଏଭଳି ବିଭିନ୍ନ କ୍ଷେତ୍ରରେ ଥର୍ମାଲ ସ୍ପ୍ରେ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣର୍ ଭୂମିକା ରହିଛି। ପଦାର୍ଥ, ବସ୍ତୁର ସ୍ଥାୟିତ୍ୱ ବୃଦ୍ଧି କ୍ଷେତ୍ରରେ ଆବରଣ ଅପଚୟ ହ୍ରାସ କରିବା, ସମ୍ବଳର ସଂରକ୍ଷଣ ଏବଂ ଶିଳ୍ପ ଦକ୍ଷତା ଉନ୍ନତି କରିବାରେ ଥର୍ମାଲ୍ ସ୍ପ୍ରେ ମହତ୍ୱପୂର୍ଣ୍ଣ ଅବଦାନ ରଖେ। ଓଡ଼ିଶାରେ ବିପୁଳ ଖଣିଜ ସମ୍ପଦ ଏବଂ ଶିଳ୍ପର ଇକୋସିଷ୍ଟମ୍ ଥିବାରୁ ଥର୍ମାଲ୍ ସ୍ପ୍ରେ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ହେଲେ ରାଜ୍ୟ ଲାଭବାନ ହେବ। ଏହି ଜାତୀୟ ଥର୍ମାଲ ସ୍ପ୍ରେ କନ୍‌ଫରେନ୍ସରେ ଭାରତ ଓ ବିଦେଶର ଶିକ୍ଷା, ଶିଳ୍ପ ଏବଂ ଗବେଷଣା ପ୍ରତିଷ୍ଠାନର ବିଶେଷଜ୍ଞମାନେ ଏକତ୍ରିତ ହୋଇ ଫଳପ୍ରଦ ଆଲୋଚନାରେ ସାମିଲ ହୋଇ ନୂଆ ଚିନ୍ତାଧାରା ବାଣ୍ଟିବେ ଏବଂ ଯୁଗାନ୍ତକାରୀ ଗବେଷଣାକୁ ଆଗକୁ ବଢ଼ାଇବେ। ଯାହାଦ୍ୱାରା ଶିଳ୍ପ ଏବଂ ସମାଜ ପାଇଁ ଲାଭଦାୟକ ହେବ ବୋଲି ରାଜ୍ୟପାଳ କହିଥିଲେ। ଏହି ସମାରୋହରେ ଅନ୍ୟତମ ଅତିଥି ଭାବେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଇଣ୍ଡିଆନ ଥର୍ମାଲ ସ୍ପ୍ରେ ଆସୋସିଏସନ୍‌ର ଅଧ୍ୟକ୍ଷ ପ୍ରଫେସର ହରପ୍ରୀତ ସିଂହ, ଆଇଆଇଟି ପାଟ୍‌ନାର ନିର୍ଦ୍ଦେଶକ ପ୍ରଫେସର ଟି.ଏନ୍. ସିଂହ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶେଷରେ ଆବାହକ ଡ. ଶିଶିର ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

**ଦ୍ୱିତୀୟ ଜାତୀୟ ଥର୍ମାଲ୍ ସ୍ପ୍ରେ କନ୍‌ଫରେନ୍ସ**

## ରାଗ ଓ ଭାବ ସଙ୍ଗୀତରେ ମୁଖରିତ ଓଡ଼ିଶୀ ସଙ୍ଗୀତ



ଭୁବନେଶ୍ୱର,୨୧।୨(ସମିସ)

ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଓଡ଼ିଶୀ ସଙ୍ଗୀତ ମହୋତ୍ସବର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପିପିଏଲ୍ ଅଧିକାରୀ ସୁଧାରଞ୍ଜନ ମିଶ୍ର, ଖଣି ଇସ୍ପାତ ବିଭାଗର ସ୍ୱତନ୍ତ୍ର ସଚିବ ସଂଗ୍ରାମ କେଶରୀ ସ୍ୱାଇଁ ଯୋଗ ଦେଇଥିଲେ।

ସଭାପତି, ମନୋରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ଗୁରୁ ରାମହରି ଦାସ, ଉପସଭାପତି ଗୁରୁ କେଶବ ଚନ୍ଦ୍ର ରାଉତ ଉପସ୍ଥିତ ରହିଥିଲେ। ଦ୍ୱିତୀୟ ଦିବସରେ 'ଯମୁନା କୂଳେ କାଳିଆ କେଡ଼େ ହଟ କଲା...କୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଶିଳ୍ପୀଗଣ ଗାୟନ କରିଥିଲେ। ଏଥିସହିତ ଅନୁଜା ତାରିଣୀ ମିଶ୍ରଙ୍କ କଣ୍ଠରେ ରାଗ ବ୍ରଜକାନ୍ତି, ହରପ୍ରିୟା ସ୍ୱାଇଁଙ୍କ କଣ୍ଠରେ ରାଗ ବରାଡ଼ି ଖୁବ୍ ଆକର୍ଷଣୀୟ ରହିଥିଲା।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଭୁବନେଶ୍ୱର,୨୧।୨(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟ ଓ ସଂଗୀତ ସମାରୋହ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଭାଷାବିତ୍ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ଶିକ୍ଷାବିତ୍ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ମାତୃଭାଷାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଭୀମଭୋଇ ଚେୟାରର ପ୍ରଫେସର ନିଶାମଣି କର, ସାହିତ୍ୟିକ ଡ. ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ଦୁଇ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଦୁର୍ଗାଚରଣ ରଣବୀର ଏବଂ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତଚରଣ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଓ ଓଡ଼ିଶୀ କଣ୍ଠସଙ୍ଗୀତ ବିଭାଗର ଛାତ୍ରୀ କବି ମଧୁସୂଦନ ରାଓ ଓ କବି ଗଙ୍ଗାଧର ମେହେରଙ୍କ ମାତୃଭାଷାଭିତ୍ତିକ କାଳଜୟୀ କୃତୀକୁ ସଙ୍ଗୀତ ମାଧ୍ୟମରେ ପରିବେଷଣ କରିଥିଲେ। ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରାଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡ. ଜ୍ଞାନରଞ୍ଜନ ପଣ୍ଡା।




## ଜୁନ୍ ୧୯ରୁ 'କାଞ୍ଚି ବିଜୟ କଥା'

ଭୁବନେଶ୍ୱର,୨୧।୨(ସମିସ): ଅକ୍ଷୟ ପରିଜା ପ୍ରଡକ୍ସନ୍ ପକ୍ଷରୁ ଜୁନ୍ ମାସ ୧୯ ଓ ୨୦ ତାରିଖରେ ରବୀନ୍ଦ୍ର ମଣ୍ଡପରେ ନାଟକ 'କାଞ୍ଚି ବିଜୟ କଥା' ମଞ୍ଚସ୍ଥ ହେବ। ପୁରୀ ଗଜପତି ମହାରାଜ ଏବଂ କାଞ୍ଚିର ରାଜକୁମାରୀଙ୍କ କିମ୍ବଦନ୍ତୀ ପ୍ରେମ ପ୍ରଣୟ ଉପରେ ଆଧାରିତ। ଅକ୍ଷୟ କୁମାର ପରିଜାଙ୍କ ଦ୍ୱାରା ପ୍ରଯୋଜିତ ଏହି ମଞ୍ଚ ନାଟକର କାଳଜୟୀ କାହାଣୀକୁ ପରବର୍ତ୍ତୀ ସମୟରେ ଚଳଚ୍ଚିତ୍ର ରୂପ ଦେବାରେ ତାଙ୍କର ପ୍ରଚେଷ୍ଟା ଓ ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ। ପ୍ରଭୁ ଜଗନ୍ନାଥଙ୍କ ମହିମାକୁ ସୁଦୃଶ୍ୟ ଭାବରେ ସଂଯୋଜିତ କରି ସାରା ବିଶ୍ୱରେ ପହଞ୍ଚାଇବା ପାଇଁ ଟିମ୍ ଉତ୍ସର୍ଗୀକୃତ ଭାବେ ଅକ୍ଲାନ୍ତ ପରିଶ୍ରମ କରୁଥିବା ଶ୍ରୀ ପରିଜା କହିଛନ୍ତି। ଏହି ମଞ୍ଚ ନାଟକ ଇତିହାସ, ଭକ୍ତି ଏବଂ କଳାର ଏକ ଚମତ୍କାର ମିଶ୍ରଣ ଭାବରେ ଦର୍ଶକଙ୍କୁ ବିମୋହିତ କରିବ ଏବଂ ଆମ ଐତିହ୍ୟର କାଳଜୟୀ ଗୌରବ ଗାଥାକୁ ପ୍ରସାର କରିବ। ପରିଜାଙ୍କ ଏହି ପରିକଳ୍ପନାକୁ ନେଇ ବିଶିଷ୍ଟ ଲେଖକ ଡ. ରମେଶ ପାଣିଗ୍ରାହୀ କାହାଣୀ ପ୍ରସ୍ତୁତ କରିଥିବାବେଳେ ନିର୍ଦ୍ଦେଶନାରେ ଅଛନ୍ତି ଲାଲା ବୀରେନ୍ ରାୟ। ସେହିପରି ସୁଶ୍ରୀ ବନସ୍ମିତା ପତି ବର୍ଣ୍ଣନା ଏବଂ ସଂଳାପ ଦାୟିତ୍ୱରେ ରହିଛନ୍ତି। ଆସନ୍ତା ଜୁନ୍ ୧୯ ଓ ୨୦ ତାରିଖରେ ଏହି ପ୍ରସିଦ୍ଧ ନାଟକ ମଞ୍ଚସ୍ଥ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## 'ଉତ୍କଳ ବୁଲେଟିନ୍' ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ



ଭୁବନେଶ୍ୱର,୨୧।୨(ସମିସ): ମାତୃଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ଦିଗରେ ସରକାର ଓ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଅନ୍ତର୍ଜାତୀୟ ବିଶ୍ୱ ମାତୃଭାଷା ଦିବସ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂଜ୍ୟପ୍ରଣାମ ଟ୍ରଷ୍ଟର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ଶିକ୍ଷାବିତ୍ ରମେଶ ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ କଳିଙ୍ଗ ପ୍ଲେ ସ୍କୁଲ ଅଧ୍ୟକ୍ଷା ସମାଜସେବିକା ସୁକାନ୍ତି ପଣ୍ଡା ଓ ଅନ୍ୟତମ ଅତିଥି ଭାବେ ସଶକ୍ତ ଓଡ଼ିଶା ସଭାପତି, ସମାଜସେବୀ ବିଜୟ କୁମାର ପ୍ରଧାନ ଉପସ୍ଥିତ ରହିଥିଲେ। ସମ୍ପାଦକ ଅରବିନ୍ଦ ତ୍ରିପାଠୀ ଅତିଥି ପରିଚୟ ଦେବା ସହ ପୂଜ୍ୟପୂଜାକୁ ପ୍ରାଧାନ୍ୟ ଦେଇ ଆଜିର ଯୁବପିଢ଼ି କାର୍ଯ୍ୟ କରିବାକୁ ଅଗ୍ରସର ହୁଅନ୍ତୁ ବୋଲି କହିଥିଲେ। ଏହି ଅବସରରେ ସାମ୍ବାଦିକା ଚାନ୍ଦିନୀ ମହାପାତ୍ର, ମାତୃଭାଷା, ଶିକ୍ଷା ଓ ସମାଜସେବା ପାଇଁ ଡମ୍ବରୁଧର ହରଣ ସିଂ, ସୌଭାଗିନୀ ସାହୁ, ସ୍ୱାସ୍ଥ୍ୟ ସେବା ପାଇଁ ଗୌତମ କୁମାର ଦାସ, ନାରୀ ଶିକ୍ଷା ଓ ସମାଜସେବା ପାଇଁ ବନଜା ଭୁଜବଳ, ଅନୁଷ୍ଠାନର ସଦସ୍ୟ ସ୍ମୃତି ପ୍ରକାଶ ନାୟକ, ସାମ୍ବାଦିକ ସୋମନାଥ ବେହେରା, ସମାଜସେବୀ ହୃଦାନନ୍ଦ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ବିଭିନ୍ନ ବିଦ୍ୟାଳୟରେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ଓ ଟ୍ରଫି ପ୍ରଦାନ କରଯାଇଥିଲା। କାର୍ଯ୍ୟକ୍ରମକୁ ସମାଜସେବୀ ନାରାୟଣ ଖୁଣ୍ଟିଆ, ସାମ୍ବାଦିକା ରୀନା ମହାନ୍ତି ପରିଚାଳନା କରିଥିଲେ। ସାମ୍ବାଦିକ ରମେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଜାତୀୟ ହସ୍ତତନ୍ତ ମେଳାର ତୃତୀୟ ଦିବସ**

# ଆକର୍ଷଣରେ କୋରାପୁଟର ପରିବେଶ ଅନୁକୂଳ

ଭୁବନେଶ୍ୱର,୨୧।୨(ସମିସ)

ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଥିବା ଜାତୀୟସ୍ତରୀୟ ହସ୍ତତନ୍ତ ମେଳାର ଆଜିଥିଲା ତୃତୀୟ ଦିବସ। ମେଳାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପାରମ୍ପରିକ ଖାଦ୍ୟ ଓ ପିଲାମାନଙ୍କ ପାଇଁ ଖେଳକୁଦର ବ୍ୟବସ୍ଥା କରାଯାଇଛି। ଚଳିତଥର ମୋଟ୍ ୨୨୫ଟି ଷ୍ଟଲ୍ ରହିଛି। ଏହି ପ୍ରଦର୍ଶନୀରେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକାଦୃତ ବୟନବସ୍ତ୍ର ସମ୍ବଲପୁରୀ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, ହାବସପୁରୀ ଆଦିର ସମ୍ଭାର ଦେଖିବାକୁ ମିଳୁଛି।



ଚଳିତବର୍ଷ ଦର୍ଶକଙ୍କ ପ୍ରମୁଖ ଆକର୍ଷଣ ସାଜିଛି କରୁଣା ରେଶମ ବସ୍ତ୍ର। ଏହି ପ୍ରଦର୍ଶନୀରେ ଓଡ଼ିଶାର ବାନ୍ଧବସ୍ତ୍ର ସହ ପଶ୍ଚିମବଙ୍ଗର ଜାମଦାନି ଓ ଟାଙ୍ଗାଇଲ୍, ଜାମ୍ମୁ କାଶ୍ମୀରର ପଶ୍ମିନା-ସାଲ୍, ତାମିଲନାଡୁର କାଞ୍ଜିବରମ୍ ପାଟଶାଢ଼ି, ଦିଲ୍ଲୀ, ହରିୟାନାର ଫର୍ଣ୍ଣିସିଙ୍ଗ୍ ବସ୍ତ୍ର, କର୍ଣ୍ଣାଟକର ସିଲ୍କ ଶାଢ଼ି ଆଦି ହସ୍ତତନ୍ତ ବସ୍ତ୍ର ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସୁଛି।

ମେଳାର ସବୁଠୁ ଆକର୍ଷଣ ପାଲଟିଛି କୋରାପୁଟର ଇକୋ-ଫ୍ରେଣ୍ଡଲି ଶାଢ଼ି। ପୂର୍ବରୁ ପରିବେଶ ଅନୁକୂଳ ମୂର୍ତ୍ତି, ଘରୋଇ ଉପକରଣ, ଗହଣା ଆଦି ବିକ୍ରି ହେଉଥିବାବେଳେ ଏବେ ଏଭଳି ଶାଢ଼ି ବେଶ ଲୋକଙ୍କ ପସନ୍ଦ ହେଉଛି। କୋରାପୁଟରୁ ଆସିଥିବା ଖଗାପତି ପନିକାଙ୍କ ଏହି ଇକୋ-ଫ୍ରେଣ୍ଡଲି ଶାଢ଼ି ପାଇଁ ମହିଳାଙ୍କ ଭିଡ଼ ହେଉଛି। ଷ୍ଟଲରେ ଶାଢ଼ି, ଷ୍ଟଲ ଓ ଓଢ଼ଣି ମିଳୁଛି। ଯାହାର ମୂଲ୍ୟ ୧୫ ଶହରୁ ଆରମ୍ଭ ହୋଇ ୭ ହଜାର ପର୍ଯ୍ୟନ୍ତ ରହିଛି।

ଶାଢ଼ିର ପ୍ରସ୍ତୁତି ବିଷୟରେ କୋରାପୁଟର ସୁମନ ପନିକା କୁହନ୍ତି, ଜଡ଼ା ତେଲ, ପାଉଁଶ ଓ ଗଛର ଚେର ବ୍ୟବହାର କରି ସେମାନେ ଏହି ଶାଢ଼ିକୁ ତିଆରି କରିବା ସହ ତାକୁ ତିନୋଟି ରଙ୍ଗରେ ଆକର୍ଷଣୀୟ ରୂପ ଦେଉଛନ୍ତି। ଏଭଳି ଶାଢ଼ି ତିଆରି ପାଇଁ ମାସ ମାସ ସମୟ ଲାଗିଥାଏ ବୋଲି ସେ କହିଛନ୍ତି। ଏହାର କଞ୍ଚାମାଲ୍ ଭାବେ ସାଧାରଣତଃ ଖଦି କଟନ ବ୍ୟବହାର ହୋଇଥାଏ। ଯେଉଁଥିରେ ଗଛପତ୍ର ଆଦି ପରିବେଶ ସଂପର୍କିତ ଚିତ୍ରରେ ଚିତ୍ରିତ ହୋଇଥାଏ। ସେ ଏହି କାରିଗରୀ ପାଇଁ ଜାତୀୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି।

